### ବନ୍ଧୁକ ଦେଖାଇ ସୁନାଅଳଙ୍କାର ଓ ଟଙ୍କା ଲୁଟ୍

# ୩ ଜଣଙ୍କ ଗୋଡ଼ହାତ ବାନ୍ଧି ଦୁର୍ବୃତ୍ତ ଫେରାର

**ଅସ୍ତରଙ୍ଗ, ୨୮ ।୧(ସମିସ)**





ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ମଲ୍ଲିକଙ୍କ ଘରୁ ଏକ ବଡ଼ଧରଣ ଚୋରି ହୋଇଛି । ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର, ବନ୍ଧୁକ ଦେଖାଇ ପ୍ରାୟ ୫ ଲକ୍ଷ ଟଙ୍କାର ସୁନାଅଳଙ୍କାର ଓ ଟଙ୍କା ଲୁଟିନେବା ପରେ ୩ ଜଣକର ଗୋଡହାତ ବାନ୍ଧି ଫେରାର ହୋଇଯିବା ଘଟଣା ଅଞ୍ଚଳରେ ଆଲୋଡନସୃଷ୍ଟି କରିଛି। ଘଟଣା ସମ୍ପର୍କରେ ଶ୍ରୀମଲ୍ଲିକ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ୫ଜଣ ଦୁର୍ବୃତ୍ତ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ମଲ୍ଲିକଙ୍କ ଝରକା ଭାଙ୍ଗି ଘର ଭିତରେ ପଶିଥିଲେ। ପ୍ରଥମେ ତାଙ୍କ ଖୁଡିଙ୍କ ରୁମ୍‌ରେ ପ୍ରବେଶ କରି ତାଙ୍କ ତଣ୍ଟିକୁ ଚିପି କେଉଁଠାରେ କିଏ ଶୋଇଛି ବୋଲି ପଚାରିବା ପରେ ସେ ପିନ୍ଧିଥିବା କାନ ଫୁଲ ଛଡାଇ ନେଇଥିଲେ। ମହିଳା ଜଣକ ଚିତ୍କାର କରି ନିଜ ପୁତୁରାକୁ ଡାକିଥିଲେ। ଡାକ ଶୁଣି ପୁତୁରା ଉଠିବାରୁ ଦୁର୍ବୃତ୍ତମାନେ ତାଙ୍କୁ କାବୁକରି ନେଇଥିଲେ ତାପରେ ଶ୍ରୀ ମଲ୍ଲିକଙ୍କ ତଣ୍ଟିକୁ ମାଡିବସି ମାରଣାସ୍ତ୍ର ଛୁରୀ ଓ ବନ୍ଧୁକ ଦେଖାଇ ଭୟଭିତ କରାଇଥିଲେ। ତାଙ୍କ ବେକରୁ ଏକ ସୁନାଚେନ୍, ହାତରୁ ମୁଦି, ତାଙ୍କ ସ୍ତ୍ରୀଙ୍କ ବେକରେ ଛୁରୀ ଲଗାଇ କାନଫୁଲ, ଚେନ୍ ଓ ମୋବାଇଲ୍ ଦୁଇଟି ନେଇଯାଇଥିଲେ। ଅନ୍ୟ କେଉଁଠି ସୁନାରୂପା, ଟଙ୍କା ଅଛି ବୋଲି ପଚାରିଥିଲେ। ଆଲମିରାର ଖୋଲି ପ୍ରାୟ ୫ ଲକ୍ଷ ଟଙ୍କାର ସୁନାଅଳଙ୍କାର ଓ ୮୦ ହଜାର ନଗଦ ଟଙ୍କା ଲୁଟ୍ କଲା ପରେ ଅନ୍ୟ କେଉଁଠି କଣ ରହିଛି ଜାଣିବା ପାଇଁ ଘରେ ଥିବା ବାକ୍ସ ଓ ଲୁଗାପଟା ଫିଙ୍ଗି ଦେଇଥିଲେ। ସେଥିରେ ଦୁର୍ବୃତ୍ତଙ୍କ ମନବୁଝିନଥିଲା, ଘରୁ ଲୁଟ୍ କରିବା ପରେ ୩ ଜଣକର ହାତଗୋଡ ବାନ୍ଧି ଗୋଟିଏ ଘରେ ପୁରାଇ ଦେଇ ଫେରାର ହୋଇଯାଇଥିବା ଶ୍ରୀ ମଲ୍ଲିକ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ତଦନ୍ତ ଜାରିରଖିଛି। ସାଇଣ୍ଟିଫିକ ଟିମ୍ ଆସି ଛାନଭିନ୍ କରିଛି। ପୁଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି।

## ଡିଗ୍ରୀ ମହାବିଦ୍ୟାଳୟରେ ଭାଷା ସାହିତ୍ୟ ଉତ୍ସବ ଉଦ୍‌ଯାପିତ



**କୃଷ୍ଣପ୍ରସାଦ, ୨୮ ।୧(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରୁକ୍ମଣି ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ନୂଆପଡ଼ାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଧର୍ମାନନ୍ଦ ପଲେଇଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୁକ୍ମଣି ଦେବୀ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା, ସମ୍ମାନୀତ ଅତିଥି ଭାବେ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମହାପାତ୍ର, ଅଧ୍ୟାପିକା ବାସନ୍ତୀ ସେଠୀ, ରୁବିବାଳା ମହାନ୍ତି, ଟିକିନା ବିଶ୍ୱାଳ, ଅଧ୍ୟାପକ ସୁକାନ୍ତ କିଶୋର ମାନସିଂହ, ମନୋଜ କୁମାର ପ୍ରଧାନ, ଦିଲ୍ଲୀପ କୁମାର ଜେନା ଯୋଗଦେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ତାତ୍ପର୍ଯ୍ୟ ଏବଂ ଜଗନ୍ନାଥ ସଂସ୍କୃତିର ମହାନତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଓଡ଼ିଆ ଜଗନ୍ନାଥ ଭଜନ, ବକ୍ତୃତା, ସୁନ୍ଦର ହସ୍ତାକ୍ଷର, କବିତା ଆବୃତ୍ତି ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୋଡ଼ାଲ ଅଫିସର ବରିଷ୍ଠ ଅଧ୍ୟାପକ ଗୋପାଳ କୃଷ୍ଣ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଏବଂ ଅନୁଷ୍ଠାନର ଅଧ୍ୟକ୍ଷଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ କରଣ କୁମାର ବେହେରା, ବିକାଶ କୁମାର ମହାପାତ୍ର, ସଂଗ୍ରାମ କୁମାର ଜେନା, ବରିଷ୍ଠ କିରାଣୀ ଲକ୍ଷ୍ମୀ ଚରଣ ପ୍ରଧାନ, ଗ୍ରନ୍ଥପାଳ ଦୁଷ୍ମନ୍ତ କୁମାର ପ୍ରଧାନ, ସନାତନ ତରେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବରିମୁଣ୍ଡରେ ପିଇବା ପାଣି ସମସ୍ୟା

## ପାଣି ପାଇଁ ମହିଳାଙ୍କ ରାସ୍ତାରୋକ

**ନୟାହାଟ, ୨୮ ।୧(ସମିସ)**



ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ବସୁଧା ପାନୀୟ ଜଳ ଯୋଜନାର ସୁବନ୍ଦୋବସ୍ତ କରିଛନ୍ତି। ବିଶୁଦ୍ଧ ପାନୀୟ ଜଳରୁ କେହିଁ ଯେପରି ବଞ୍ଚିତ ନହୁଅନ୍ତୁ ସରକାର କଡା ପଦକ୍ଷେପ ଗ୍ରହଣ କରୁଛନ୍ତି। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ପୁରୀ ଜିଲ୍ଲା ଗୋପ ବ୍ଲକ ନୟାହାଟ ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତର ବରିମୁଣ୍ଡଗ୍ରାମବାସୀ ଦୀର୍ଘ ବର୍ଷଧରି ପାଣି ପାଇଁ ସଂଘର୍ଷ କରିଆସୁଛନ୍ତି। ପାନୀୟଜଳରୁ ବଞ୍ଚିତ ହେବାରୁ ଶତାଧିକ ମହିଳା ଗ୍ରାମର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ତୁରନ୍ତ ପାନୀୟ ଜଳ ବ୍ୟବସ୍ଥା କରାନଗଲେ ଆନ୍ଦୋଳନକାରୀମାନେ ଆଗାମୀ ସାଧାରଣ ନିର୍ବାଚନକୁ ବର୍ଜନ କରିବା ସଙ୍ଗେ ସଙ୍ଗେ କୌଣସି ରାଜନୈତିକ ଦଳୀୟ ନେତାଙ୍କୁ ଗ୍ରାମରେ ଭର୍ତ୍ତି କରାଇଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ପଞ୍ଚାୟତରେ ଯଦିଓ ପାନୀୟ ଜଳର ସମସ୍ୟା ପାଇଁ ବସୁଧା ଯୋଜନାରେ ଜଳ ଯୋଗାଇବା ପାଇଁ ଓଭର ହେଡ ଟ୍ୟାଙ୍କ ନିର୍ମାଣ ହୋଇଛି। କିନ୍ତୁ ବରିମୁଣ୍ଡ ଗ୍ରାମକୁ ପାଇପ ଯୋଗେ ପିଇବା ପାଣି ମିଳିପାରିଲା ନାହିଁ। ଫଳରେ ଗ୍ରାମର ମହିଳାମାନେ ପ୍ରାୟ ୩ କିଲୋମିଟର ଦୂରରେ ଥିବା କାଦୁଅ ନଦୀରୁ ପାଣି ଆଣିବାକୁ ପଡୁଛି। ଏଠାରେ ଯଦି ଝିଅ କିମ୍ବା ପୁଅର ବାହାଘର ଅଥବା ବ୍ରତୋପନୟନ କିମ୍ବା କୌଣସି ବାର୍ଷିକ ଉତ୍ସବ ଟ୍ୟାଙ୍କର ଯୋଗେ ପାଣି ଆଣିବାକୁ ପଡ଼ିଥାଏ ବୋଲି ଗ୍ରାମର ମହିଳାମାନେ କହିଛନ୍ତି। ଗାଁରେ ପାଣି ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେବଳ ମିଥ୍ୟା ପ୍ରତିଶ୍ରୁତି ମିଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଏସମ୍ପର୍କରେ ସରପଞ୍ଚଙ୍କୁ ବାରମ୍ବାର ଜଣାଇବା ସହିତ ଗୋପ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ତ ହୋଇ ବିଫଳ ହେଲାପରେ ରାଜ୍ୟ ସରକାରଙ୍କ ଅଧିନସ୍ଥ '୫-ଟି 'ଅଧକ୍ଷ ଦୃଷ୍ଟି ଦେବା ପାଇଁ ଗ୍ରାମର ମହିଳାମାନେ ଅନୁରୋଧ କରିଛନ୍ତି।

### ଅସ୍ତରଙ୍ଗରେ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା

## ତୃତୀୟ କ୍ୱାଟର୍ ଫାଇନାଲ; ଯଦୁପୁର ଭୁବନେଶ୍ୱର ବିଜୟୀ

**ଅସ୍ତରଙ୍ଗ, ୨୮ ।୧(ସମିସ):** ମା' ଶାରଳା ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ନରେନ୍ଦ୍ର ଷ୍ଟାଡିୟମରେ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭ୍ୟମାନେ ପ୍ରଥମେ ତାରିଣୀ ମନ୍ଦିର ଠାରୁ ମଶାଲ ଶୋଭା ଯାତ୍ରା ଆଣି ନରେନ୍ଦ୍ର ଷ୍ଟାଡିୟମରେ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଅସ୍ତରଙ୍ଗ ଆଇଆଇସି ରାଜେଶ ବଳିଆରସିଂ, ମୁଖ୍ୟବକ୍ତା ଭାବେ ଅସ୍ତରଙ୍ଗ ମେଡିକାଲ ଅଫିସର ସଞ୍ଜୟ ପ୍ରଧାନ, ଓ ଶାରଳା ସ୍ପୋର୍ଟିଂ କ୍ଲବ୍ ଉପଦେଷ୍ଟା ଦିବାକର ଛାଟୋଇ ଖେଳକୁ ଉଦ୍‌ଘାଟନ କରିବା ପରେ ଖେଳର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଶାରଳା ସ୍ପୋର୍ଟିଂର ଜନ୍ମଦାତା ନଟକିଶୋର ମହାନ୍ତି, ଚୈତନ୍ୟ ମହାନ୍ତି, ସଭାପତି ଯୁଗଳକୀଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ଦିବ୍ୟଦର୍ଶୀ ବିଶ୍ୱାଳ ଏବଂ ଅନ୍ୟ ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।ପ୍ରଥମ କ୍ୱାଟର ଫାଇନାଲରେ କୁମରବସ୍ତ ଟିମ୍ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ କ୍ୱାଟର ଫାଇନାଲରେ ଡିଆରସି ପାରାଦୀପ ଟିମ୍ ବିଜୟୀ ହୋଇଛି।ସେହିପରି ରବିବାର ଦିନ ଟାଉନ କ୍ଲବ ନିମାପଡ଼ା ଏବଂ ଯଦୁପୁର ଭୁବନେଶ୍ୱର ମଧ୍ୟରେ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି ଯଦୁପୁର ନିର୍ଦ୍ଧାରିତ ୨୦ ଓଭରରେ ୨୦୬ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିର୍ବିସଙ୍କର ବାରିକ ୪୦ ବଲରେ ୭୧ ରନ କରିଥିଲେ।ଏହାର ଜବାବରେ ଦ୍ୱିତୀୟ ବ୍ୟାଟିଂ କରି ଟାଉନ୍ କ୍ଲବ ସମସ୍ତ ଉଇକେଟ ହରାଇ ୧୦୧ ରନ କରିବାରୁ ଯଦୁପୁର ୧୦୫ରନ ରେ ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଦିବ୍ୟସଙ୍କର ବାରିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କାରାଯାଇଥିଲା। କୁମାର ସନ୍ତୋଷ ଓ ଦିବ୍ୟଦର୍ଶୀ ଛାଟୋଇ ଖେଳ ପରିଚାଳନା କରିଥିଲେ ଏବଂ ସାମ୍ବାଦିକ ପ୍ରସାର ଖୁଣ୍ଟିଆ, ଆଦିତ୍ୟ ରାଉତ, ଆର୍ଯ୍ୟ ବିଶ୍ୱାଳ, ମାନସ ଖଣ୍ଡୁଆଳ, ଆରତ ମହାନ୍ତିଙ୍କୁ କ୍ଲବ ପକ୍ଷରୁ ଉତ୍ତରୀୟ ପ୍ରଦାନ କରାଯାଇ ତାଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ବୋଲି କ୍ଲବର ମିଡିଆ ସେଲ ସମ୍ପାଦକ ପବିତ୍ର ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



## ଛେଳି ଚୋର ଧରାପଡ଼ିଲା

**ନୟାହାଟ, ୨୮ ।୧ (ସମିସ ):** ଗ୍ରାମାଞ୍ଚଳରେ ଛେଳି ଚୋରି ଏକ ନିତିଦିନିଆ ଘଟଣା ପରିଣତ ହୋଇଛି। ଗତ ୨୫ ତାରିଖ ବିଳମ୍ବିତ ରାତିରେ ଛେଳି ଚୋରି କରିବା ପାଇଁ ଆସି ଗ୍ରାମବାସୀଙ୍କ ହାତରେ ଧରା ପଡ଼ି ଛେଚା ଖାଇବା ପରେ ସେ ସବୁ ମାନି ଯାଇଥିଲା। ସେହିଭଳି କଜଳପାତିଆ, ଅଇଗୋଳ ମନ୍ଦିରରୁ ଘଣ୍ଟ ଓ ନଗଦ ୧୫୦୦ ଟଙ୍କା ଚୋରି କରିଥିଲା। ପରେ ଗ୍ରାମବାସୀ ଚୋରକୁ ଧରି ପୁଲିସ ଜିମା ଦେଇଥିଲେ। ଚୋରର ପରିଚୟ ଜଗତସିଂହପୁର ଥାନାର କଣ୍ଟାପଡ଼ା ଗ୍ରାମର ଜଗନ୍ନାଥ ରଥ ବୋଲି ଜଣା ପଡ଼ିଛି।

## ଉଚ୍ଛେଦ ଉଠା ବ୍ୟବସାୟୀଙ୍କୁ ଛତା ପ୍ରଦାନ

**ନିମାପଡ଼ା, ୨୮ ।୧(ସମିସ):** ପିପିଲି-କୋଣାର୍କ ମୁଖ୍ୟ ରାସ୍ତାର ନିମାପଡ଼ା ବଜାର ତଳଅଣ୍ଟିଆ ଛକରୁ କୁଶଭଦ୍ରା ନଦୀ ବ୍ରିଜ ପର୍ଯ୍ୟନ୍ତ ୪ଥାକିଆ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟପାଇଁ ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ଚାଲୁରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସରକାରୀ ଜାଗାରେ ଜବର ଦଖଲ କରିଥିବା କ୍ୟାବିନ, ଆଜବେଷ୍ଟସ ଘର ଏବଂ ଉଠାଦୋକାନ ବ୍ୟବସାୟୀଙ୍କ ଘରକୁ ଭାଙ୍ଗି ଦିଆଯାଇଛି। ଫଳରେ ସେମାନେ ବେରୋଜଗାରୀ ହୋଇପଡ଼ିଛନ୍ତି। ଦୁଇତିନି ଦିନ ଘରେ ବସିବା ପରେ କେତେକ ବ୍ୟବସାୟୀ ରାସ୍ତା କଡରେ ପାଲଜରୀ, ଟେବୁଲ, ବେଞ୍ଚ ପକାଇ ବିଭିନ୍ନ ସାମଗ୍ରୀ ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ଲୋକେ ରାସ୍ତା କଡରେ ମଝିରେ ମଝିରେ ଝିପି ଝିପି ବର୍ଷା ସାଙ୍ଗକୁ ଖରା, କାକରରେ ସକାଳୁ ରାତ୍ର ପର୍ଯ୍ୟନ୍ତ ଖୋଲାରେ ବସି ବ୍ୟବସାୟ କରୁଥିବା ସମାଜସେବୀ ଜିତେନ୍ଦ୍ର ମହାନ୍ତିଙ୍କ ନଜରକୁ ଆସିଥିଲା। ଶ୍ରୀ ମହାନ୍ତି ରବିବାର ୨ଶହରୁ ଊର୍ଦ୍ଧ୍ୱ ବଡ ଛତା ଆଣି ଦୋଳବେଦୀ ଛକ ଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଖୋଲାରେ ବସିଥିବା ବ୍ୟବସାୟୀଙ୍କୁ ବଣ୍ଟନ କରିଛନ୍ତି। ବଣ୍ଟନ ସମୟରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଉଲ୍ଲାସ ପ୍ରଧାନ, ବରିଷ୍ଠ ଆଇନଜୀବୀ ସୁଧିର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଉଡ଼ିଲା ତ୍ରିରଙ୍ଗା

**ସାକ୍ଷୀଗୋପାଳ, ୨୮ ।୧(ସମିସ)**



ସତ୍ୟବାଦୀରେ ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।ଗୋପବନ୍ଧୁଙ୍କ ଜନ୍ମପୀଠ ଠାରୁ କର୍ମପୀଠ ପର୍ଯ୍ୟନ୍ତ ସବୁଠାରେ ଉଡିଛି ତ୍ରିରଙ୍ଗା। ଓଡ଼ିଆ ବିଶ୍ୱବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର ଦୁଇ ଦିନ ପରେ ସାଧାରଣତନ୍ତ୍ର ଦିବସ ପଡ଼ିଛି। ଏହି ଅବସରରେ ଓଡିଆ ବିଶ୍ୱବିଦ୍ୟାଳୟ ପରିସରରେ ମହାଆଡମ୍ବର ସହକାରେ ସାଧାରଣତନ୍ତ୍ର ପାଳିତ ହୋଇଯାଇଛି। ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ରଶ୍ମିରେଖା ଦାଶଙ୍କ ସହିତ ପ୍ରଫେସର ଅନନ୍ତ କିଶୋର ଜେନା, ଅଧ୍ୟାପିକା ସଙ୍ଗୀତା ଜେନାଙ୍କ ସହିତ ଶ୍ରୀତାଂଶୁ କୁମାର ମହାପାତ୍ର, ପ୍ରକାଶ ଚନ୍ଦ୍ରଗୌଡ଼ଙ୍କ ସହିତ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହିଥିଲେ। ସେହିପରି ବିଜେଡି, କଂଗ୍ରେସ ଓ ବିଜେପି ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦବିସ ପାଳିତ ହୋଇଯାଇଛି। ବକୁଳବନ, ସାମାଧିପୀଠ, କାଦୁଆ ଆଶ୍ରମ, ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟ ପଞ୍ଚସଖା ମଣ୍ଡପ, ବିଭିନ୍ନ କ୍ଲବ, ବ୍ୟବସାୟୀ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ସହିତ ବିଭିନ୍ନ ବେସରକାରୀ ଅନୁଷ୍ଠାନମାନଙ୍କରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜୟନ୍ତ କୁମାର ଜୟସିଂ, ସତ୍ୟବାଦୀ ଥାନାରେ ଆଇଆଇସି ବିଜୟ କେତନ ବେହେରା, ସତ୍ୟବାଦୀ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟ ମାନସ କୁମାର ପଟ୍ଟନାୟକ, ସରକାରୀ ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ, କେତକୀପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମିଶ୍ର, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କ ସହିତ ସୁପରଭାଇଜର ବିଶ୍ୱନାଥ ମହାପାତ୍ର ପତାକା ଇତ୍ତୋଳନ କରିଥିଲେ। ସେହିପରି ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟ ପରିସରରେ ହିସାବ ନୀରିକ୍ଷକ ଜଗତଜ୍ୟୋତି ସାହୁ, ସାକ୍ଷୀଗୋପାଳ ମେଡିକାଲରେ ଇନିଚାର୍ଯ୍ୟ, ଷ୍ଟାର ଆଣ୍ଡ ଷ୍ଟାଇଲି କ୍ଲବରେ ଆଇନଜୀବୀ ଅଞ୍ଜନ କୁମାର ହୋତା, ସମ୍ବାଦିକ କିଶୋର ମହାପାତ୍ର, ଅଗ୍ରଣୀ ସ୍ୱାଦ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଅନୁଷ୍ଠାନର ସମ୍ପାଦିକା ବୀଣାପାଣି ମିଶ୍ର, ପତକା ଉତ୍ତୋଳନ କରିଥିଲେ।

## ଆଜି କାକଟପୁର ବ୍ଲକ୍‌ରେ ମହିଳାଙ୍କ ଗଣଧାରଣା

**କାକଟପୁର, ୨୮ ।୧(ସମିସ):** କାକଟପୁର ବ୍ଲକ ପ୍ରଶାସନ ଏବଂ ମହିଳା ମହାସଂଘ ସଭାନେତ୍ରୀ ଓ ସମ୍ପାଦିକା ଉଦେଶ୍ୟମୂଳକ ଭାବେ ସିଆରପି, ଏମ୍‌ବିକେ ଏବଂ ବ୍ୟାଙ୍କମିତ୍ର ପଦବୀ ପୂରଣ ନିମନ୍ତେ ୱେଟେଜ ତାଲିକା ଓ ମେରିଟ ତାଲିକା ପ୍ରକାଶ କରୁନଥିବା ପ୍ରତିବାଦରେ ଆସନ୍ତାକାଲି(ସୋମବାର)କାକଟପୁର ବ୍ଲକରେ ମହିଳା ମାନଙ୍କ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ଜାଣିବାକୁ ମିଳିଛି।

## କବିତା ପାଠ ଉତ୍ସବ ଓ ଆଲୋଚନାଚକ୍ର

**ଡେଲାଙ୍ଗ, ୨୮ ।୧(ସମିସ):** ଡେଲାଙ୍ଗ ଷ୍ଟେସନ ବଜାର ସ୍ଥିତ ଶ୍ୟାମସୁନ୍ଦର ପାଠାଗାର ପରିସରରେ କବି ଓ କବୟତ୍ରୀ ମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠଉତ୍ସବ ଓ ସାହିତ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିତତ୍ୱ ପ୍ରଚାରକ ଅନାମ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ପାଠୋତ୍ସବରେ ପାଠାଗାରର ପ୍ରତିଷ୍ଠାତା କାଶୀନାଥ ମହାପାତ୍ର, କବି ରୋହିତ ଚମ୍ପତି, ପ୍ରଭାତ ସେଠୀ, ପ୍ରମୋଦ ଜେନା, ସରୋଜ ପ୍ରଧାନ,



ହୃଷିକେଶ ପାଢ଼ୀ, ଜିତେନ୍ଦ୍ର ପ୍ରଧାନ, ସଚିକାନ୍ତ ବାରିକ, ଦ୍ୱିତିକୃଷ୍ଣ ମହାନ୍ତି, କବୟତ୍ରୀ ଜ୍ୟୋସ୍ନାମୟୀ ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ନନ୍ଦ, ପୁଷ୍ପଲତା ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିବା ସହିତ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଘଟିଲେ ସମାଜର ଉନ୍ନତି ଘଟିବ ବୋଲି ମତପ୍ରକାଶ କରିଥିଲେ। ଶିକ୍ଷକ ଅଭୟ ଚରଣ ସାହୁ ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ।

## ମା' ମଙ୍ଗଳା ମନ୍ଦିର ବରିଷ୍ଠ ସେବାୟତଙ୍କ ପରଲୋକ

**କାକଟପୁର, ୨୮ ।୧(ସମିସ):** ମଙ୍ଗଳା ମନ୍ଦିରର ବରିଷ୍ଠ ସେବାୟତ ଗୌରାଙ୍ଗ ଦୀକ୍ଷିତ(୯୭)ଙ୍କ ଗତ ବୁଧବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ୨ ଦିନ ତଳେ ହଠାତ ଚାଲୁଥିବା ସମୟରେ ପଡ଼ିଯିବାରୁ ତାଙ୍କୁ ଘରଲୋକମାନେ ଭୁବନେଶ୍ୱର ନେଇଯାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।ଜ୍ୟେଷ୍ଠ ପୁତ୍ର ଓ ମା ମଙ୍ଗଳାଙ୍କ ବରିଷ୍ଠ ପୂଜାପଣ୍ଡା ବସନ୍ତ କୁମାର ଦୀକ୍ଷିତ ଓ କନିଷ୍ଠପୁତ୍ର ହେମନ୍ତ କୁମାର ଦୀକ୍ଷିତ ତାଙ୍କ ପାଖରେ ଉପସ୍ଥିତ ଥିଲେ।ତାଙ୍କର ମୃତଦେହ ନିଜ ଗ୍ରାମ କାକଟପୁର ସ୍ଥିତ ବାସଭବନକୁ ଅଣାଯାଇଥିଲା। ମରଶରୀର ଶୋଭାଯାତ୍ରାରେ ଗ୍ରାମ ସ୍ମଶାନକୁ ନିଆଯାଇ ସଂସ୍କାର କରାଯାଇଥିଲା। ବଡ଼ପୁତ୍ର ବସନ୍ତ ଦୀକ୍ଷିତ, ସାନପୁତ୍ର ହେମନ୍ତ ଦୀକ୍ଷିତ ପରମ୍ପରା ଅନୁଯାୟୀ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦୀକ୍ଷିତ ମନ୍ଦିରରେ ପ୍ରତ୍ୟେକ ଦିନ ମା'ଙ୍କ ଦର୍ଶନ କରିବା ସହିତ ଭାଗବତ କଥା ଶୁଣିଥାନ୍ତି।



## ଡୋମଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଜୋବ୍ରା ଚାଲେଞ୍ଜର୍ସ ସେମିରେ



**କଣାସ, ୨୮ ।୧(ସମିସ):** କଣାସ ବ୍ଲକ ଅର୍ନ୍ତଗତ ଗୋପିନାଥପୁର ପଞ୍ଚାୟତର ଗୋପିନାଥପୁର ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଡୋମଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଜୋବ୍ରା ଚାଲେଞ୍ଜର୍ସ କ୍ରିକେଟ୍ କ୍ଲବ ସେମିରେ ପ୍ରବେଶ। ରବିବାର ଖେଳ ଜୋବ୍ରା ଚାଲଞ୍ଜେର୍ଜସ୍ ଓ ବିଗ୍ ବର୍ଦସ୍ କ୍ରିକେଟ୍ କ୍ଲବ୍ ମଧ୍ୟରେ ହୋଇଥିଲା। ବିଗ୍ ବର୍ଦସ୍ କ୍ରିକେଟ୍ କ୍ଲକ୍ ଟସ୍‌ଜିତି ପ୍ରଥମେ ଫିଲ୍ଡିଂ କରିଥିବା ବେଳେ ଜୋବ୍ରା ଚାଲେଞ୍ଜର୍ଜସ୍ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୯ଟି ଉଇକେଟ୍ ହରାଇ ୧୧୯ ରନ୍ କରିଥିଲା। ଜବାରରେ ବିଗ୍ ବର୍ଦସ୍ କ୍ରିକେଟ୍ କ୍ଲବ ୧୦ଓଭର ଖେଳି ୪ଟି ଉଇକେଟ୍ ହରାଇ ୧୧୨ରନ୍ କରିଥିଲା। ଲାଲୁ ସାହୁ ୮ଟି ବଲ୍‌ରେ ୨୨ରନ୍ କରିବା ସହିତ ୨ଓଭର ବୋଲି କରି ୩ଟି ଉଇକେଟ୍ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ମନ୍ଦିରରୁ ଚୋରିକରି ଜଣେ ଗିରଫ

**କୁଣ୍ଢେଇ, ୨୮ ।୧(ସମିସ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କଜଳପାତିଆ ଗ୍ରାମ ଠାକୁରାଣୀଙ୍କ ମନ୍ଦିରରୁ ଚୋରି କରିଥିବା ଅଭିଯୋଗରେ କାକଟପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। କାକଟପୁର ପୁଲିସ ପକ୍ଷରୁ ସୂଚନା ଅନୁଯାୟୀ ଗତ ୨୬ ତାରିଖ ବିଳମ୍ବିତ ରାତିରେ ଜଗତସିଂହପୁର ଥାନା ଅଧିନସ୍ଥ ଅରୋଣା ଗ୍ରାମର ଗୁରୁ ଚରଣ ରଥଙ୍କ ପୁଅ ଜଗନ୍ନାଥ ରଥ ଓରଫ ଜଗା(୪୭' କଜଳପାତିଆ ଗ୍ରାମରେ ଥିବା ଠାକୁରାଣୀ ମନ୍ଦିରର ତାଲା ଭାଙ୍ଗି ୨ ଟି ଘଣ୍ଟ, ୧ ଟି ଘଣ୍ଟି ଏବଂ ୩ ହଳ ଗିନି ଚୋରି କରି ନେଉଥିବା ବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲା। ଗ୍ରାମର ଗଗନ ବିହାରୀ ବେହେରାଙ୍କ ଠାରୁ ଅଭିଯୋଗ ପାଇବାପରେ କାକଟପୁର ଥାନା ପୁଲିସ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିଥିଲେ। କାକଟପୁର ଥାନା କେଶ ନମ୍ବର ୨୮/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।



୨୮/୧/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୦୩,୦୨୬/- ସୁନା: ୧୮.୯୬୦ ଗ୍ରାମ୍ ରୁପା: ୬୮.୮୪୦ ଗ୍ରାମ୍



## ସଚେତନ ହେଉନାହାନ୍ତି ପର୍ଯ୍ୟଟକ

# ବଢୁଛି ସମୁଦ୍ର ସ୍ନାନ ଦୁର୍ଘଟଣା

ପୁରୀ, ୨୮।୧(ସମିସ)

ପର୍ଯ୍ୟଟକଙ୍କ ସୁରକ୍ଷାକୁ ପୁଲିସ ଏବଂ ପ୍ରଶାସନ ପ୍ରାଥମିକତା ଦେଉଛି। ହେଲେ ଅନେକ ସମୟରେ ପର୍ଯ୍ୟଟକ ଅମାନିଆ ହେଉଛନ୍ତି। ବିଶେଷକରି ସମୁଦ୍ର ସ୍ନାନ ପାଇଁ ଯେଉଁ କଟକଣା ରହିଛି ଏ ଦିଗରେ ଅନେକ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ଫଳରେ ସମୁଦ୍ର ସ୍ନାନଜନିତ ଦୁର୍ଘଟଣା ବଢୁଛି। ଅନେକ ସମୟରେ ପର୍ଯ୍ୟଟକ ଆହତ ହେଉଥିବା ବେଳେ କାହାର ବି ଜୀବନ ଚାଲିଯାଉଛି।

ପୁରୀ ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ସହର। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ସ୍ୱର୍ଣ୍ଣାଭ ବେଳାଭୂମି ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅଧିକାଂଶ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ସଚେତନତାର ଅଭାବ, ଲାଇଫ୍‌ଗାର୍ଡଙ୍କ କଥା ନ ଶୁଣିବା ଏବଂ ଜୋରରେ ଲହଡି ଆସି କୂଳରେ ମାଡ ହେଉଥିବାରୁ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଛି ସମୁଦ୍ର ସ୍ନାନ। ବିଭିନ୍ନ ସମୟରେ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ଅନେକ ଆହତ ବି ହେଉଛନ୍ତି। ପ୍ରାୟ ପ୍ରତିଦିନ ପର୍ଯ୍ୟଟକଙ୍କୁ ଉଦ୍ଧାର କରୁଛନ୍ତି ଲାଇଫ୍‌ଗାର୍ଡ।ସମୁଦ୍ର ସ୍ନାନ ବେଳେ ରିପ୍ କରେଣ୍ଟରେ ପଡ଼ି ବୁଡ଼ିଯିବା ଏକ ସାଧାରଣ ଘଟଣା ଭଳି ହେଲାଣି। କିନ୍ତୁ ଅନେକ ସମୟରେ ପର୍ଯ୍ୟଟକଙ୍କ ଅସାବଧାନତା ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଜୀବନ ବି ଚାଲିଯାଉଛି। ନିକଟରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ଗତ ମାସ ୧୦ ତାରିଖରେ ବିହାର ବକ୍ସର ଜିଲ୍ଲା ନୱାନଗର ଥାନା ଅନ୍ତର୍ଗତ ଅମିରପୁର ଗାଁର ପ୍ରଭାତ ରାଜ୍ ସପରିବାର ପୁରୀ ବୁଲିବାକୁ ଆସିଥିଲେ। ପୁଅ ଆର୍ଯ୍ୟନ ଓ ପତ୍ନୀଙ୍କ ସହ ସିଟି ରୋଡସ୍ଥିତ ଗାନ୍ଧାର ହୋଟେଲ ଗଳି ସମୁଦ୍ରକୁ ଯାଇଥିଲେ। ଗାଧୋଉଥିବା ବେଳେ ଆର୍ଯ୍ୟନ ବଡ ଲହଡିରେ ପଡ଼ି ଭିତରକୁ ଭାସି ଯାଇଥିଲେ। ଲାଇଫ୍‌ଗାର୍ଡ, ଅଗ୍ନିଶମ କର୍ମଚାରୀ ପହଞ୍ଚ ଜେଟ୍‌ସ୍କି ସାହାଯ୍ୟରେ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ରାତି ହୋଇଯିବାରୁ ସେଦିନ ଆଉ ଖୋଜିବା ସମ୍ଭବ ହୋଇ ନ ଥିଲା। ଏହା ପରଦିନ ପେଣ୍ଠକଟା ପେଟ୍ରୋଲ ପମ୍ପ ପଛପଟ ବେଳାଭୂମିରେ ଲାଗିଥିବା ଆର୍ଯ୍ୟନଙ୍କ ମୃତଦେହ। ନିକଟରେ ଏହି ଗୋଟିଏ ନୁହେଁ, ଗତ ଡିସେମ୍ବର ୫ ତାରିଖରେ ଲହଡି ମାଡରେ ବଙ୍ଗୀୟ ପର୍ଯ୍ୟଟକ ଅଶୋକ ଚାଟାର୍ଜୀଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୩ ମେ ମାସରେ ସମୁଦ୍ରରେ ଗାଧୋଇବା ବେଳେ ୨ ଜଣ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ମୃତକ ଥିଲେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଶ୍ରୀରାମପୁର ଅଞ୍ଚଳର ଅରବିନ୍ଦ ଦେ ଓ ଅଜୟ ଦେ। ସମୁଦ୍ରରେ ଗାଧୋଉଥିବାବେଳେ ଏକ ଲହଡି ଆସି ଉଭୟଙ୍କୁ ଭିତରକୁ ଟାଣି ନେଇଥିଲା। ଗତବର୍ଷ ଜୁନ୍ ୪ ତାରିଖରେ ପୁରୀ ସମୁଦ୍ରରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ପୂର୍ଣ୍ଣମୀ ଯୋଗୁ ସମୁଦ୍ର ଜୁଆରିଆ ଥିବା ବେଳେ ରାଜସ୍ଥାନର ନିରଜ ଚାନ୍ଦ (୧୪) ନାମକ ନାବାଳକ ଗାଧୋଇବାକୁ ଯାଇ ସମୁଦ୍ରରେ ବୁଡି ପ୍ରାଣ ହରାଇଥିଲେ। ଏମିତି ନିୟମିତ ବ୍ୟବଧାନରେ ସମୁଦ୍ର ସ୍ନାନ ବେଳେ ମୃତାହତ ହେଉଛନ୍ତି ପର୍ଯ୍ୟଟକ। ତେବେ କାହିଁକି ଦିନକୁ ଦିନ ସମୁଦ୍ର ସ୍ନାନ ଅସୁରକ୍ଷିତ ହୋଇପଡୁଛି ଏହାର କାରଣ ସମୁଦ୍ର ନା ପର୍ଯ୍ୟଟକ। ଏମିତି ପ୍ରଶ୍ନ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଉଥିବା ବେଳେ ମୁଖ୍ୟତଃ ପର୍ଯ୍ୟଟକଙ୍କ ସଚେତନତାର ଅଭାବ ଯୋଗୁ ଏପରି ଘଟୁଥିବା କୁହାଯାଉଛି। ଏହାର ଏକାଧିକ କାରଣ ମଧ୍ୟରେ ପ୍ରଶାସନ ପକ୍ଷରୁ ଚିହ୍ନଟ ଅଞ୍ଚଳ ବ୍ୟତୀତ ପର୍ଯ୍ୟଟକମାନେ ମନଇଚ୍ଛା ଯେ କୌଣସି ସ୍ଥାନରେ ସ୍ନାନ କରୁଛନ୍ତି। ଫଳରେ ସେମାନେ ଲାଇଫ୍‌ଗାର୍ଡଙ୍କ ନଜରରେ ରହୁ ନାହାନ୍ତି। ଯଦି ଉଚ୍ଚ ଲହଡି ଆସିଲା ସେମାନେ ବିପଦରେ ପଡୁଛନ୍ତି। ଅନ୍ୟପକ୍ଷରେ ହୋଟେଲ କର୍ତ୍ତୃପକ୍ଷ ମଧ୍ୟ ଏ ଦିଗରେ ସଚେତନ ହେଉନାହାନ୍ତି। ବିଭିନ୍ନ ହୋଟେଲରେ ପର୍ଯ୍ୟଟକମାନେ ରହୁଛନ୍ତି। ହେଲେ ଗାଧୋଇବା ପାଇଁ ସମୁଦ୍ରକୁ ଯିବାବେଳେ ହୋଟେଲ କର୍ତ୍ତୃପକ୍ଷଙ୍କର କୌଣସି ନିଘା ରହୁନାହିଁ। ଦଗବାରିଣୀ ଛକଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବେଳାଭୂମିରେ ଲାଇଫ୍‌ଗାର୍ଡ ରହୁଛନ୍ତି। କୌଣସି ଅଘଟଣା ଘଟିଲେ ସେମାନେ ସଙ୍ଗେ ସଙ୍ଗେ ଉଦ୍ଧାର କରୁଛନ୍ତି। ହେଲେ ଦିଗବାରିଣୀଠାରୁ ପେଣ୍ଠକଟା ପର୍ଯ୍ୟନ୍ତ ବେଳାଭୂମି କଡ ଶତାଧିକ ହୋଟେଲରେ ରହି ସମୁଦ୍ର ସ୍ନାନ କରୁଥିବା ପର୍ଯ୍ୟଟକଙ୍କ ଜୀବନ ଏକପ୍ରକାର ବାଜିରେ ଲାଗୁଛି। ଯିଏ ଯେଉଁଠି ପାଇଲା ସେଠି ଗାଧୋଉ ଥିବାରୁ ବିପଦରେ ପଡୁଛନ୍ତି। ତେଣୁ ପର୍ଯ୍ୟଟକମାନେ ପ୍ରଥମେ ସଚେତନ ହେବା ଦରକାର। ସେହିପରି ହୋଟେଲଗୁଡିକ କେବଳ ଲାଭ ନୁହେଁ, ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି କହିଛନ୍ତି ବୁଦ୍ଧିଜୀବୀ ମହେଶ୍ୱର ବେହେରା।









ମହାପ୍ରଭୁଙ୍କ ଦର୍ଶନ ଓ ପରିକ୍ରମା ପ୍ରକଳ୍ପ ପରିକ୍ରମଣ ପାଇଁ ଶ୍ରଦ୍ଧାଳୁଙ୍କ ଲାଗି ସୁବ୍ୟବସ୍ଥା

## ଜଗନ୍ନାଥ ଏକ ଚେତନା ଓ ସଂସ୍କାରର ମୂଳ ମନ୍ତ୍ର

**ପୁରୀ/କୃଷ୍ଣପ୍ରସାଦ, ୨୮।୧(ସମିସ):** ଜଗନ୍ନାଥ ଏକ ଧର୍ମ, ପରମ୍ପରା, କାହାଣୀ କି ଇତିହାସ ନୁହେଁ, ଜଗନ୍ନାଥ ଏକ ଚେତନା। ଜଗନ୍ନାଥ ଏକ ସଭ୍ୟତା ଓ ସଂସ୍କାରର ମୂଳମନ୍ତ୍ର। ଏହି ଚେତନାରେ ବିଶ୍ୱ ଚେତନାମୟ ହେଉ ବୋଲି କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପଣସପଦା ହରିଶ୍ୱର ଦେବ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଓଡ଼ିଆ ଭାଷା ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଡ. ସୁରେନ୍ଦ୍ର ମିଶ୍ର। ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୀତିକାର ବଦ୍ରି ମିଶ୍ର କହିଥିଲେ ଯେ, ଏକ ସମୃଦ୍ଧ ଭାରତବର୍ଷ ପାଇଁ ଆଜିର ଯୁବଗୋଷ୍ଠୀ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଆଗେଇ ଆସିବା ଉଚିତ। ଅଧ୍ୟକ୍ଷ ପ୍ରଦୀପ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥି ଭାବେ ଭାଗବତ ଗବେଷକ ପ୍ରଶାନ୍ତ ତ୍ରିପାଠୀ, ଶିକ୍ଷାବିତ୍ ରଣଜିତ ସାମଲ ଓ ଲକ୍ଷ୍ମୀକାନ୍ତ ଦାଶ ଯୋଗଦେଇଥିଲେ। ନୋଡାଲ ଅଫିସର ଶରତ ସାହୁଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଅଧ୍ୟାପକ କାଶୀନାଥ ନାୟକ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଯୋଗଦେଇଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## 'ରହସ୍ୟାବୃତ୍ତ ଯୋଗାଶ୍ରମ' ପୁସ୍ତକ ଉନ୍ମୋଚନ

ପୁରୀ, ୨୮।୧(ସମିସ)

ବିଶ୍ୱ ସନାତନ ଯୋଗବାହିନୀ ପୁରୀ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ପୋଷ ପୂର୍ଣ୍ଣିମାରେ ଯୋଗାଚାର୍ଯ୍ୟ ଅକ୍ଷୟ କୁମାର ଗ୍ରହଚାର୍ଯ୍ୟ ଆଧ୍ୟାତ୍ମିକ ଯୋଗଗୁରୁଙ୍କ ପୌରେହିତ୍ୟରେ ମାଳିକା ମହାସଭା ଅନୁଷ୍ଠିତ ହୋଇଥିଲା। ଯୋଗଗୁରୁ ଶ୍ରୀ ଗ୍ରହାଚାର୍ଯ୍ୟ ଓ ସମସ୍ତ ଅତିଥିଙ୍କ ଦ୍ୱାରା ମାଳିକାରେ ରହସ୍ୟାବୃତ ଯୋଗାଶ୍ରମ ଗ୍ରନ୍ଥ ଉନ୍ମୋଚନ କରି ବର୍ତ୍ତମାନ ସମଗ୍ର ବିଶ୍ୱ ଏକ ଘଡିସନ୍ଧି ମୁହୂର୍ତ୍ତରେ ଗୁଳି ବାରୁଦ ସ୍ତୁପ ଉପରେ ଛିଡା ହୋଇଛି। ଏଥିରୁ ଉଦ୍ଧାର ପାଇବା ପାଇଁ ମାଳିକାର ବହୁ ପ୍ରମାଣିକ ତଥ୍ୟ ଉପରେ ଚେତାବନୀ ବାଣୀକୁ ଆଧାର କରି କେବଳ ଜଗନ୍ନାଥଙ୍କର ଶରଣ ବଳୟରେ ସମର୍ପଣ ହେବା ଉଚିତ। ଟୁଟୁ ବାବା ବିଶଦ ବାଖ୍ୟା ମାଳିକାରୁ ଉଦ୍ଧାର କରି କହିଥିଲେ। ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର, ସିମାଞ୍ଚଳ ପଣ୍ଡା, ଡା. ଶରତ କୁମାର ମହାନ୍ତି, ରମାବଲ୍ଲଭ ମହାପାତ୍ର ପଞ୍ଚାମୃତ ଯୋଗର ଆବଶ୍ୟକତା ମାଳିକାର ମାର୍ଗଦର୍ଶନ ଚେତାବନୀ ବାଣୀ ଉପରେ ସାରଗର୍ଭକ ତଥ୍ୟ ଉପସ୍ଥାପନ ଓ ଆଲୋଚନା କରିଥିଲେ। ଏହି ମାଳିକା ମହାସଭାରେ ଲିଙ୍ଗରାଜ ମିଶ୍ର, ଚନ୍ଦ୍ରଶେଖର ମହାରଣା, ସରୋଜ କୁମାର ଗ୍ରହାଚାର୍ଯ୍ୟ, ଶ୍ରୀଧର ସାମନ୍ତରାୟ, ବାନାମ୍ବର ପରିଡ଼ା, ରାଜେନ୍ଦ୍ର ସୁପକାର, ରମାକାନ୍ତ ଦାସ ପ୍ରମୁଖ ଗୁରୁଜୀଙ୍କର ଅନେକ ଶିଷ୍ୟ ସାଧକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗୁରୁଜୀଙ୍କର ଶିଷ୍ୟ ସାଧକ ବିଶ୍ୱ ସନାତନ ଯୋଗବାହିନୀର ମହାସଚିବ ରମାବଲ୍ଲଭ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

## ଜାତୀୟ ଟେବୁଲ୍ ଟେନିସ ଖେଳାଳି ଜିଜ୍ଞାସୁଙ୍କୁ ସମ୍ବର୍ଦ୍ଧନା

**ପୁରୀ, ୨୮ ।୧(ସମିସ):** ଜାତୀୟ ଟେବୁଲ୍ ଟେନିସ ପ୍ରତିଯୋଗିତାର ସବଜୁନିଅର ବିଭାଗରେ କାଂସ୍ୟ ପଦକ ପାଇ ଓଡ଼ିଶାକୁ ଗୌରାବମୟ କରିଥିବା ଜିଜ୍ଞାସୁ ସାଇକିରଣ ପ୍ରଧାନଙ୍କୁ ପୁରୀ ରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଛି। ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ ସଭାଗୃହ ରେ କୃଷ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବ ରେ ବିଶିଷ୍ଟ ବଡିବିଲଡର ଅଶୋକ ମହାପାତ୍ର, ଶିକ୍ଷାବିତ୍ ରଞ୍ଜୁବାଳା ରାଉତ, ବିବେକାନନ୍ଦ ପ୍ରଧାନ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆରତୀ ତ୍ରିପାଠୀ, ଶ୍ୟାମଳ କୁଣ୍ଡୁ, ଟେନିସ ତାରକା ଅଭିଜିତ ମହାନ୍ତି ଓ ବିଶ୍ୱଜିତ ମହାନ୍ତି ଅତିଥି ଭାବେ ଯୋଗଦେଇ, ଟେନିସ ଖେଳର ବିକାଶ ପାଇଁ ଉନ୍ନୟନ ପରିଷଦ ସମସ୍ତ ସହଯୋଗ ଦେବ ବୋଲି ଘୋଷଣା କରିଥିଲେ। ଟେବୁଲ୍ ଟେନିସ ସଂଘର ସମ୍ପାଦକ ଡଃ ବିମଳ ପ୍ରସାଦ ମହାନ୍ତିଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍, ରୋବର୍ସ କ୍ଲବ, ପୁରୀ ସେବା ସମିତି, ପୁରୀ ଜିଲ୍ଲା ଚେସ ଆସୋସିଏସନ, ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ ପ୍ରଭୃତି ଅନେକ ଅନୁଷ୍ଠାନ ପକ୍ଷରୁ ଖେଳାଳୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସେଣ୍ଟ ଜାଭିୟର୍ ହାଇସ୍କୁଲର ବାର୍ଷିକ ଉତ୍ସବ



କାକଟପୁର, ୨୮ ।୧(ସମିସ)

କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧିନସ୍ଥ କାକଟପୁର ପ୍ରାଚୀ ବିହାରସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଦୁର୍ଗାଚରଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ କାକଟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ତୁଷାର ଜ୍ୟୋତି ରଞ୍ଜନ, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ପୂର୍ବତନ ପୁରୀ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜୋତିର୍ମୟ ଦଳାଇ, ବରିଷ୍ଠ ସମାଜସେବୀ ତଥା ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର, ବିଦ୍ୟାଳୟର ସଭାପତି ଶ୍ରୀମତୀ ଶର୍ମିଷ୍ଠା ବିଶ୍ୱାଳ, ସମ୍ପାଦକ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ବିଶ୍ୱାଳ, ଉପାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାମାଜିକ ବୌଦ୍ଧିକ ବିକାଶ ପାଇଁ ଅଭିଭାବକ ମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ପ୍ରାଚୀର ପତ୍ର ଫୁଟପ୍ରିଣ୍ଟ ଓ ଫଟୋ ଗ୍ୟାଲେରୀ ଫ୍ଲାସବ୍ୟାକ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ନିରଞ୍ଜନ ବିଶ୍ୱାଳ, ଲତିଫୁଲ ରହେମନ ଖାଁ, ଭକ୍ତିପ୍ରଭା ବିଶ୍ୱାଳ, ରାଜଶ୍ରୀ ପରିଡ଼ା, ସରିତା ସାସମଲ, କ୍ରିଷ୍ଣା ସାହୁ, ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ବିଜେଡିର ମିଶ୍ରଣ ପର୍ବ

ପୁରୀ, ୨୮ ।୧(ସମିସ)



ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପୁରୀସଦର ବ୍ଲକ କହ୍ନେଇ ବିଦ୍ୟାଧରପୁର ପଞ୍ଚାୟତ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ଲାଭ କରିଥିବା ସରପଞ୍ଚ କଳାଶ୍ରୀ ବିଶ୍ୱାଳ ଓ ସମିତି ସଭ୍ୟା ସଙ୍ଗିତା ମିଶ୍ର ଏବଂ ଯୁବ ନେତା କୈଳାସ ମିଶ୍ର, ପ୍ରଦୀପ ବିଶ୍ୱାଳ ଏବଂ ତାଙ୍କ ସମର୍ଥକ ରାମ ସେଠୀ, ସିଧିଆ ସେଠୀ, ଯୁଧିଷ୍ଠିର ରାଉତ, ମିନ ବିଶ୍ୱାଳ, କାହ୍ନୁ ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ, ସିବ ବାରିକ, ସୁରେନ୍ଦ୍ର ପ୍ରଧାନ, ଅକ୍ଷୟ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବସନ୍ତ ବିଶ୍ୱାଳ, ଗୋପିନାଥ ନାୟକ, ବନ୍ଧୁଆ ନାୟକ, ମିଳନ କୁମାର ଦାସ, ଭଜମନ ବିଶ୍ୱାଳଙ୍କ ନେତୃତ୍ୱରେ ୨୨ ଗୋଟି ଗ୍ରାମରୁ ହଜାରରୁ ଉର୍ଦ୍ଧ୍ୱ ପରିବାର ରବିବାରଦିନ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ସମିତି ସଭ୍ୟ କାର୍ତ୍ତବିର୍ଯ୍ୟ ସ୍ୱାଇଁ, ଗୈଡକେରା ସରପଞ୍ଚ ରମେଶ ପ୍ରଧାନ, ବାସୁଦେବପୁର ପଞ୍ଚାୟତ ସମିତି ସଭ୍ୟ ଅରୁଣ କୁମାର ମିଶ୍ର, ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ଜୟନ୍ତ କୁମାର ମହାନ୍ତି ଓ ପୁରୀ ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ପିତବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମା ଲଙ୍କେଶ୍ୱରୀ କ୍ଲବ୍‌ର ବାର୍ଷିକ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ

ନୟାହାଟ, ୨୮ ।୧(ସମିସ)



ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ଲଙ୍କପଡ଼ା ଆଇଁଷିମୁଳର ମା' ଲଙ୍କେଶ୍ୱରୀ କ୍ଲବ୍‌ର ବାର୍ଷିକ କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନିମାପଡ଼ା ଅଞ୍ଚଳର ସମାଜସେବୀ ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ପରିଡ଼ା ସଭାରେ ସଭାପତିତ୍ୱ କରିଥିବା ବେଳେ ୱାର୍ଡ ସଭ୍ୟ ରବି ଭୋଇ, ୱାର୍ଡ ସଭ୍ୟା ରୋଜାଲିନୀ ବେହେରା ସଭାରେ ଉପସ୍ଥିତ ଥିଲେ। ସୁଦର୍ଶନ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍ ମାଧବ ଓ କନ୍ତିଆ ମଧ୍ୟରେ ହୋଇଥିଲା। କନ୍ତିଆ ସମସ୍ତ ୱିକେଟ ହରାଇ ୫୩ ରନ କରିଥିବା ବେଳେ ମାଧବ ୫ ଉଇକେଟ ହରାଇ ୫୮ ରନ କରି ୫ ରନ ଆଗରେ ରହି କନ୍ତିଆକୁ ହରାଇ ମାଧବ ଜିତିଥିଲା। ସାମ୍ବାଦିକ ରଞ୍ଜିତ କାଣ୍ଡି ବେଷ୍ଟ ଚାମ୍ପିଅନକୁ ୨ ଶହ ଟଙ୍କା ପୁରସ୍କାର ଦେଇଥିଲେ। ବେଷ୍ଟ ଫିଲଡ଼ର ଭାବେ ରାମ ଖେଳ ଖେଳି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ଶେଷରେ ଚାମ୍ପିଅନ ମାଧବ ଟିମ୍‌କୁ ୧୨ ହଜାର ଟଙ୍କା ସହିତ ଟ୍ରଫି ମୁଖ୍ୟ ଅତିଥି ଅରୁଣ କୁମାର ସାହୁ ପ୍ରଦାନ କରିଥିବା ବେଳେ କନ୍ତିଆ ଟିମ୍‌କୁ ୮ ହଜାର ଓ ଟ୍ରଫି ମୁଖ୍ୟବକ୍ତା ପଞ୍ଚାୟତ ସରପଞ୍ଚ ଅଜୟ କୁମାର ପରିଡ଼ା ପ୍ରଦାନ କରିଥିଲେ। ମା'ଲଙ୍କେଶ୍ୱରୀ କ୍ରିକେଟ କ୍ଲବର କ୍ଷୀରୋଦ ଭୋଇ, ଆଲୋକ ମହାପାତ୍ର, ଦୁଷ୍ମନ୍ତ ଦାସ, ବ୍ରହ୍ମାନନ୍ଦ ଭୋଇ, ଅମୂଲ୍ୟ ଭୋଇ, ଅଜିତ ଭୋଇ, ଅମିତି ମହାନ୍ତି, ବିକାଶ ଭୋଇ, ରଞ୍ଜନ ଭୋଇ, ମୁନା ବେହେରା, ତାପସ ଜେନା, ସୌରଭ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଆଶ୍ୱସ୍ତି ଫାଉଣ୍ଡେସନ୍‌ର ବାର୍ଷିକ ଉତ୍ସବ

**ପୁରୀ, ୨୮।୧(ସମିସ):** ମଙ୍ଗଳାଘାଟସ୍ଥିତ ଜନକଲ୍ୟାଣକାରି ସଂସ୍ଥା ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ଡ. ସୁଜିତ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅବସରପ୍ରାପ୍ତ ବାଙ୍କ ମ୍ୟାନେଜେର ଶଙ୍କର ପଣ୍ଡା, ଓଲିଉଡ୍ କଳାକାର ସୁଭାଶିଷ ଶର୍ମା, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ପୁରୀ ଜିଲ୍ଲା ନ୍ୟାୟାଳୟର ଅତିରିକ୍ତ ସରକାରୀ ଓକିଲ ତଥା ମୋ ପରିବାରର ସଂଯୋଜକ ଭଗବାନ ପଡ଼ିଆରୀ ଯୋଗଦେଇଥିଲେ। ଫାଉଣ୍ଡେଶନ ଟ୍ରଷ୍ଟର ଅନ୍ତେବାସୀମାନଙ୍କୁ ଯଥୋଚିତ ସମ୍ମାନ ଦିଆଯାଇଥିଲା। ସହରର କିଛି ସମାଜସେବୀଙ୍କୁ ଆମନ୍ତ୍ରିତ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ନିଜ ବୃଦ୍ଧ ପିତାମାତାଙ୍କୁ ଭଗବାନ ତୁଲ୍ୟ ମନେ କରି ସେମାନଙ୍କ ସେବା କରୁଥିବା କିଛି ଲୋକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିରେ ଟ୍ରଷ୍ଟର ସଭାପତି ତଥା ପୁରୀ ଜିଲ୍ଲାର ବିଶିଷ୍ଟ ଆଇନଜୀବୀ ଦୀପକ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ମୁଖ୍ୟ ସମ୍ପାଦିକା ଗିରିଜାମଞ୍ଜରୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିସହ ଅନୁଷ୍ଠାନର କୁନି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପସଭାପତି ମହାବୀର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୫ ● ପାଉଣ୍ଡ ୧୦୫.୮୪
- ୟୁରୋ ୯୦.୭୫ ● ୟେନ୍ ୦.୫୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୮୦୦ (ନୂଆଦିଲ୍ଲୀ)
- ରୁପା : ୭୬,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୦,୭୦୦.୦୦
- ନିଫ୍ଟି ୨୧,୩୫୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ଅନ୍ତରୀଣ ବଜେଟ ୨୦୨୪-୨୫

# ବଜେଟରେ ଦେଖିବାକୁ ମିଳିପାରେ ବିହାର ସରକାରଙ୍କ ଯୋଜନା

## କମ୍ ଆୟ ଥିବା ଗରିବ ଲୋକଙ୍କୁ ମିଳିପାରେ ପ୍ରୋତ୍ସାହନ ରାଶି

ନୂଆଦିଲ୍ଲୀ,୨୮।୧(ଏଜେନ୍ସି):

ବିହାର ରାଜନୀତିରେ ବଡ଼ ଅସ୍ଥିରତା ଦେଖିବାକୁ ମିଳିଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କ ପଦରୁ ଇସ୍ତଫା ଦେଇ ବିଜେପି ସହ ସରକାର ଗଠନ କରିଛନ୍ତି। ତେବେ ଆଗାମୀ ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ବିହାର ସରକାରଙ୍କ ଏକ ଯୋଜନାକୁ ସବୁଜ ସଙ୍କେତ ଦେଇପାରନ୍ତି। ଏହାର ପ୍ରତ୍ୟକ୍ଷ ଲାଭ ନିର୍ବାଚନରେ ଦେଖିବାକୁ ମିଳିବ। ଏଠାରେ ସୂଚନାଯୋଗ୍ୟ ବିହାର ସରକାର ମାସକୁ ୬୦୦୦ ଟଙ୍କାରୁ କମ୍ ଆୟ ଥିବା ୯୪ ଲକ୍ଷ ଗରିବ ପରିବାରକୁ ୨ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନ୍ତରୀଣ ବଜେଟରେ ଏହି ଯୋଜନାକୁ କେନ୍ଦ୍ର ସରକାର ଆପଣାଇବାର ସମ୍ଭାବନା ଦେଖାଦେଇଛି।

ତେବେ ଏଭଳି ଏକ ପ୍ରସ୍ତାବକୁ ଯଦି କେନ୍ଦ୍ର ସରକାର କାର୍ଯ୍ୟାନ୍ୱୟନ କରନ୍ତି ତେବେ ଆର୍ଥିକ ନିଅଣ୍ଟ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ କି ବୋଲି ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି ଯେ ସରକାର ଆର୍ଥିକ ନିଅଣ୍ଟକୁ ୧୭.୯ ଲକ୍ଷ କୋଟି ଅର୍ଥାତ୍ ୫.୯ ପ୍ରତିଶତ ରହିବା ନେଇ ଆକଳନ କରିଛନ୍ତି। ଏହି ଆକଳନ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩୦୧.୮ ଲକ୍ଷ କୋଟି ଟଙ୍କାର ଆକଳନ ଉପରେ ଆଧାରିତ। ଯଦି ୨୦୨୩-୨୪ ପାଇଁ ପ୍ରଥମ ଅଗ୍ରୀମ ଆକଳନରେ ଜିଡିପି ହେଉଛି ୨୯୬.୬ ଲକ୍ଷ କୋଟି ଟଙ୍କା, ତେବେ ଏହା ଛଅ ପ୍ରତିଶତ ଅର୍ଥାତ୍ ୧୭.୮ ଲକ୍ଷ କୋଟି ଟଙ୍କା ହେବ। ଏହା ବଜେଟରେ ଧାର୍ଯ୍ୟ ଲକ୍ଷ୍ୟ ସହିତ ପ୍ରାୟ ସମାନ। ୨୦୨୫-୨୬ ଆର୍ଥିକବର୍ଷ ସୁଦ୍ଧା ଆର୍ଥିକ ନିଅଣ୍ଟକୁ ୪.୫ ପ୍ରତିଶତକୁ ଆଣିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାର ଅର୍ଥ ହେଉଛି ବର୍ତ୍ତମାନର ୬ ପ୍ରତିଶତ ତୁଳନାରେ ଏହାକୁ ୧.୫ ପ୍ରତିଶତ ହ୍ରାସ କରିବାକୁ ପଡିବ। ଅପରପକ୍ଷେ ୧୦.୫ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ସହିତ ୨୦୨୪-୨୫ରେ ଜିଡିପି ୩୨୭.୭ ଲକ୍ଷ କୋଟି ଟଙ୍କା ଛୁଇଁବ। ଏଭଳି ପରିସ୍ଥିତିରେ ଆର୍ଥିକ ନିଅଣ୍ଟକୁ ୦.୭୫ ପ୍ରତିଶତ ହ୍ରାସ କରିବାର ଅର୍ଥ ବ୍ୟୟକୁ ୨.୫ ଲକ୍ଷ କୋଟି ଟଙ୍କା ହ୍ରାସ କରିବାକୁ ପଡିବ। ଏହା କଷ୍ଟକର ଲାଗୁଛି। ଅନ୍ୟପକ୍ଷରେ ସରକାରଙ୍କ ଜନପ୍ରିୟ ଯୋଜନା ପାଇଁ ଖର୍ଚ୍ଚ ବଢ଼ାଇବାର ସମ୍ଭାବନା ରହିଛି।

ରାଜସ୍ୱ ଉପରେ ଶ୍ରୀ ଗର୍ଗ କହିଛନ୍ତି ଯେ ବଜେଟ୍ ଆକଳନଠାରୁ ଟିକସ ସଂଗ୍ରହ ବହୁତ ଭଲ ହେବ। ସୂଚନାନୁସାରେ, ଚଳିତ ଆର୍ଥିକବର୍ଷରେ ଆୟକର ଏବଂ କମ୍ପାନୀ ଟିକସ ସଂଗ୍ରହରେ ବୃଦ୍ଧି ଘଟିଛି। ଏହି କାରଣରୁ, ମୋଟ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବଜେଟ ଆକଳନଠାରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଅଧିକ ହୋଇପାରେ। ୨୦୨୩-୨୪ ଆର୍ଥିକବର୍ଷ ପାଇଁ ସିଧାସଳଖ ଟିକସରୁ ୧୮.୨୩ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ସରକାର ବଜେଟ୍ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଜାନୁୟାରୀ ୧୦,୨୦୨୪ ପର୍ଯ୍ୟନ୍ତ ଏହି ଆଇଟମ୍ ଅନୁଯାୟୀ ଟିକସ ସଂଗ୍ରହ ଥିଲା ୧୪.୭୦ ଲକ୍ଷ କୋଟି, ଯାହା ବଜେଟ୍ ଆକଳନର ୮୧ ପ୍ରତିଶତ। ଆର୍ଥିକବର୍ଷ ଶେଷ ହେବାକୁ ଆଉ ଦୁଇ ମାସରୁ ଅଧିକ ସମୟ ବାକି ଅଛି | ଜିଏସ୍‌ଟି ସାମ୍ନାରେ କେନ୍ଦ୍ରୀୟ ଜିଏସ୍‌ଟି ରାଜସ୍ୱ ୮.୧ ଲକ୍ଷ କୋଟି ଟଙ୍କାର ବଜେଟ୍ ଆକଳନଠାରୁ ପ୍ରାୟ ୧୦,୦୦୦ କୋଟି ଟଙ୍କା ଅଧିକ ହେବା ବୋଲି ଆଶା କରାଯାଉଛି। ତେବେ ଉତ୍ପାଦ ଶୁଳ୍କ ଏବଂ ସୀମ ଶୁଳ୍କ ସଂଗ୍ରହରେ ପ୍ରାୟ ୪୯,୦୦୦ କୋଟି ଟଙ୍କା କମ୍‌ହେବାର ସମ୍ଭାବନା ରହିଛି।




### ହିରୋ ଆଣିଲା ନୂଆ ଗାଡ଼ି

# ୩ ମିନିଟରେ ତିନିଚକିଆ ପାଲଟିଯିବ ୨ ଚକିଆ ଯାନ

**ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି):** ହିରୋ ମୋଟୋକ୍ରପ ଏକ ନୂଆ ଇଲେକ୍ଟ୍ରିକ ଗାଡ଼ି ଉପସ୍ଥାପନ କରିଛି। ଏହା ଉଭୟ ତିନି ଚକିଆ ଏବଂ ୨ ଚକିଆ ଗାଡ଼ିର କାମ କରୁଛି। ଅର୍ଥାତ୍ ତିନି ଚକିଆ ଗାଡ଼ିକୁ ସହଜରେ ୨ ଚକିଆ ଗାଡ଼ିରେ ପରିବର୍ତ୍ତନ କରି ହେବ। ଏବେ ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ହିରୋ ଏହାର ନାମ ସର୍ଜ ରଖିଛି। ଜୟପୁରରେ ଆୟୋଜିତ ହିରୋ ୱାର୍ଲ୍ଡ ୨୦୨୪ରେ ସର୍ଜ ଏସ୍୩୨ ଉପସ୍ଥାପନ କରିଛି। ଏହା ଏକ ବହୁମୁଖୀ ଗାଡ଼ି। ଅର୍ଥାତ୍ ବିଭିନ୍ନ କାମରେ ଏହାକୁ ବ୍ୟବହାର କରାଯାଇପାରିବ। ଏହା ତିନି ଚକିଆ ମାଲବାହୀ ଗାଡ଼ି ସହିତ ଇଲେକ୍ଟ୍ରିକ୍ ସ୍କୁଟର ଭାବେ ମଧ୍ୟ କାମ କରିବ। କାର୍ଗୋ ଥ୍ରି-ହ୍ୱିଲର ଭିତରେ ଟୁ-ହ୍ୱିଲର ତଥା ସ୍କୁଟର ଛପି ରହିଥାଏ। ତିନି ଚକିଆ ଗାଡ଼ିର ଆଗ ସିଟ୍‌ରେ ୨ ଜଣ ବସିପାରିବେ। କିନ୍ତୁ ସ୍କୁଟର ଅଲଗା ହୋଇଯିବା ପରେ ଏହାର ସିଟ୍ ବାହାରି ଆସିଥାଏ। କମ୍ପାନୀ ଅନୁଯାୟୀ ଏହି ଗାଡ଼ିକୁ ଭାଗ ଭାଗ କରିବା ପାଇଁ ମାତ୍ର ୩ ମିନିଟ ସମୟ ଲାଗିଥାଏ। କମ୍ପାନୀ ଏହି ସିରିଜର ୪ଟି ଭାରିଆଣ୍ଟ ଏସ୍୩୨ ପିଭି, ଏସ୍୩୨ ଏଲ୍‌ଡି, ଏସ୍୩୨ଏଚ୍‌ଡି ଏବଂ ଏସ୍୩୨ ଏଫ୍‌ବିକୁ ବଜାରକୁ ଛାଡ଼ିବ। ହିରୋ ୱାର୍ଲ୍ଡ ୨୦୨୪ରେ ଏସ୍ ୩୨ ଏଲ୍‌ଡି ମଡେଲକୁ ପ୍ରଦର୍ଶିତ କରାଯାଇଥିଲା। ତେବେ ଦୁଇ ଏବଂ ତିନି ଚକିଆ ଯାନର ଅଲଗା ଅଲଗା ବୈଶିଷ୍ଟ୍ୟ ରହିଛି। ତିନି ଚକିଆ ଗାଡ଼ିରେ ୧୦କିଲୋୱାଟର ଶକ୍ତି ମିଳିଥାଏ। ଏଥିପାଇଁ ୧୧ କେଡବ୍ଲ୍ୟୁଏଚର ବ୍ୟାଟେରି ସଂଯୋଗ କରାଯାଇଛି। ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୪୫ କିମି ରହିଛି। ସେହିପରି ଦୁଇ ଚକିଆରେ ୩ କିଲୋୱାଟ ଶକ୍ତି ମିଳୁଛି। ଏଥିପାଇଁ ୩.୫ କେଡବ୍ଲ୍ୟୁଏଚ୍‌ର ବ୍ୟାଟେରୀ ଲାଗିଛି। ଏହା ଘଣ୍ଟାପ୍ରତି ୬୦ କିମି ବେଗରେ ଗତି କରିପାରିବ।



ଘଣ୍ଟାପ୍ରତି ୬୦ କିମି ବେଗରେ ଦୌଡ଼ିବ

# ଟିଏସ୍‌ଜି ଗୁରୁକୁଳ ସହ ବାଜିରାଓ ଆଇଏଏସ୍ ଏକାଡେମୀ ଏବଂ ଫିଜିକ୍ସୱାଲାର ଅନୁବନ୍ଧନ




**ଭୁବନେଶ୍ୱର,୨୮।୧(ସମିସ) :** ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଅନୁଷ୍ଠାନ ଟିଏସ୍ଜି ଗୁରୁକୁଳ ସହିତ ବାଜିରାଓ ଆଇଏଏସ୍ ଏକାଡେମୀ ଏବଂ ଫିଜିକ୍ସୱାଲା ଦୁଇଟି ଅନୁଷ୍ଠାନ ଅନୁବନ୍ଧିତ ହୋଇଛି। ଏହି ଅବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଜିରାଓ ଆଇଏଏସ୍ ଏକାଡେମୀର ସିଇଓ ଶୁଭ୍ରାଂଶୁଶେଖର ଓଝା ଏବଂ ଫିଜିକ୍ସ ୱାଲାର ସେଣ୍ଟର ହେଡ୍-ସୁଝା ଅହମ୍ମଦ ଯୋଗ ଦେଇଥିଲେ। ଟିଏସ୍ଜି ସବୁବେଳେ ପାରମ୍ପରିକ ଶିକ୍ଷାପଦ୍ଧତି ସହ ଆଧୁନିକ ଶିକ୍ଷାକୁ ଗୁରୁତ୍ୱ ଦେଇଥାଏ ବୋଲି ଅନୁଷ୍ଠାନର ଉପାଧ୍ୟକ୍ଷ ସ୍ମୃତି ସାରିକା କହିଥିଲେ। ଏହି ଅନୁବନ୍ଧନ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଦେବ ବୋଲି ଟିଏସ୍ଜିର ପ୍ରିନ୍ସିପାଲ ରଞ୍ଜିତା ମହାପାତ୍ର ପ୍ରକାଶ କରିଥିଲେ। ଟିଏସ୍ଜି ଗୁରୁକୁଳ ହେଉଛି ଏପରି ଏକ ସ୍କୁଲ ଯେଉଁଠାରେ ଏଲ୍‌କେଜିଠାରୁ ଆରମ୍ଭ କରି ଯୁକ୍ତ ଦୁଇ ଏବଂ ତିନି ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଉଚ୍ଚକୋଟୀର ଶିକ୍ଷା ସହିତ ଉତ୍ତମ ବାତାବରଣ ଓ ସୁସ୍ଥ ପରିବେଶ ପ୍ରଦାନ କରାଯାଏ। ଏଠାରେ ଛୋଟପିଲାଙ୍କୁ ସଠିକ ଶିକ୍ଷା ପ୍ରଦାନ ସହିତ ସେମାନଙ୍କର ଶାରୀରିକ ବିକାଶ ପାଇଁ ମଧ୍ୟ ତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି କରାଯାଇଛି। ଟିଏସ୍ଜି ଟାଇମ୍ସ ସ୍କଲାର୍ସ ଗୁରୁକୁଳ ସହ ଆଇଏଏସ୍ ଓ ଓଏଏସ୍ ପାଇଁ ଶିକ୍ଷା ଯୋଗାଇ ଦେଉଥିବା ଆଗଧାଡିର ସୁନାମଧନ୍ୟ ଜାତୀୟ ଶିକ୍ଷାନୁଷ୍ଠାନ ଏବଂ ମେଡିକାଲ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରୁଥିବା ଦେଶର ଆଗଧାଡିର କୋଚିଂ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି।

### ପଲଟିଗଲା ବିଶ୍ୱ ଧନୀ ତାଲିକା

# ବର୍ଣ୍ଣାର୍ଡ ଆର୍ଣ୍ଣୋଲ୍ଟ ବିଶ୍ୱର ୧ ନମ୍ବର ଧନୀ

ନୂଆଦିଲ୍ଲୀ,୨୮।୧(ଏଜେନ୍ସି):

ସମ୍ପ୍ରତି ବିଶ୍ୱର ଧନୀ ବ୍ୟକ୍ତିମାନଙ୍କର ସମ୍ପତ୍ତିରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ଏଥିରେ ଫ୍ରାନ୍ସର ବ୍ୟବସାୟୀ ବର୍ଣ୍ଣାର୍ଡ ଆର୍ଣ୍ଣୋଲ୍ଟ ପୁଣି ଥରେ ବିଶ୍ୱର ଏକ ନମ୍ବର ଧନୀ ବ୍ୟକ୍ତି ପାଲଟିଛନ୍ତି। ଫୋର୍ବସ୍ ଅନୁସାରେ ଆର୍ଣ୍ଣୋଲ୍ଟଙ୍କ ସମ୍ପତ୍ତି ପରିମାଣରେ ଅହେତୁକ ବୃଦ୍ଧି ଏବେ ଏଲନ ମସ୍କଙ୍କୁ ତାଲିକାରେ ପଛରେ ଠେଲିଦେଇଛି। ଆର୍ଣ୍ଣୋଲ୍ଟଙ୍କ ସମ୍ପତ୍ତି ପରିମାଣ ଏବେ ୨୦୭.୬ ବିଲିୟନ ଡଲାରରେ ପହଞ୍ଚିଛି।

ବ୍ଲୁମବର୍ଗ ଅନୁସାରେ ଆର୍ଣ୍ଣୋଲ୍ଟଙ୍କ ସମ୍ପତ୍ତିରେ ଏକା ଥରକରେ ୧୮.୬ ବିଲିୟନ ଡଲାର ଅଭିବୃଦ୍ଧି ଦେଖାଯାଇଛି। ଏହାସହିତ ସେ ଏଲନ ମସ୍କଙ୍କୁ ପଛରେ ପକାଇ ଏକ ନମ୍ବର ସ୍ଥାନ ଦଖଲ କରିଛନ୍ତି। ମସ୍କଙ୍କ କମ୍ପାନୀ ଟେସ୍‌ଲା ସେୟାର ମୂଲ୍ୟରେ ହ୍ରାସ ଧାରା ଜାରି ରହିବା ଯୋଗୁ ତାଙ୍କ ମୋଟୁ ସମ୍ପତ୍ତି ହ୍ରାସ ପାଇ ୨୦୪.୭ ବିଲିୟନ ଡଲାର ହୋଇଯାଇଛି। ଅର୍ଥାତ ଦୁଇ ବିଲେନିୟରଙ୍କ ସମ୍ପତ୍ତି ମଧ୍ୟରେ ଏବେ ୨.୯ ବିଲିୟନ ଡଲାରର ପାର୍ଥକ୍ୟ ସୃଷ୍ଟି ହୋଇଛି। ୨୦୨୪ ବର୍ଷ ଆରମ୍ଭରୁ ଏ ପର୍ଯ୍ୟନ୍ତ ଯଦି ଆୟ କଥା କୁହାଯାଏ ତେବେ ଫ୍ରାନ୍ସର ଏହି ୭୪ ବର୍ଷ ବୟସ୍କ ବିଲେୟନାଏର ବର୍ଣ୍ଣାର୍ଡ ଆର୍ଣ୍ଣୋଲ୍ଟ ୭.୨୫ ବିଲିୟନ ଡଲାର ଆୟ କରିଛନ୍ତି। ଅନ୍ୟପଟେ ୫୨ ବର୍ଷୀୟ ମସ୍କଙ୍କୁ ବିପୁଳ କ୍ଷତିର ସମ୍ମୁଖୀନ ହେବାକୁ ପଡିଛି। ବ୍ଲୁମବର୍ଗ ଅନୁସାରେ ମସ୍କଙ୍କ ସମ୍ପତ୍ତିରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୩୦.୫ ବିଲିୟନ ଡଲାର ହ୍ରାସ ଘଟିସାରିଛି। ତେବେ ଆର୍ଣ୍ଣୋଲ୍ଟ ପ୍ରଥମ ଥର ଧନୀ ତାଲିକାର ପ୍ରଥମ ସ୍ଥାନକୁ ଉଠିଛନ୍ତି ତା ନୁହେଁ ଏହା ପୂର୍ବରୁ ମଧ୍ୟ ସେ ପ୍ରଥମ ସ୍ଥାନରେ ରହିଥିଲେ। ବିଶ୍ୱର ଶ୍ରେଷ୍ଠ ଧନୀଙ୍କ ମଧ୍ୟରେ ଭାରତୀୟ ବିଲେୟନାଏର ତଥା ଦେଶର ସବୁଠୁ ମୂଲ୍ୟବାନ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ମୁକେଶ ଅମ୍ବାନୀ ତାଙ୍କର ଦବଦବା କାୟମ ରଖିଛନ୍ତି। ଫୋର୍ବସ ବିଲେନିୟର ଇଣ୍ଡେକ୍ସ ଅନୁସାରେ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ପରିମାଣ ୧୦୪.୪ ବିଲିୟନ ଡଲାର ରହିଛି। ଏହାସହିତ ସେ ବିଶ୍ୱ ଧନୀ ତାଲିକାର ୧୧ ନମ୍ବର ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ଭାରତୀୟ ଅରବପତି ଗୌତମ ଆଦାନୀ ୯୧.୬ ବିଲିୟନ ଡଲାର ସମ୍ପତ୍ତି ସହ ଧନ ତାଲିକାରେ ୧୪ତମ ସ୍ଥାନରେ ରହିଛନ୍ତି।



# ମଧୁ ଆରୋରା ଡିଓଟିର ଉପଦେଷ୍ଟା ନିଯୁକ୍ତ

**ଭୁବନେଶ୍ୱର,୨୮।୧(ସମିସ):** ପଶ୍ଚିମବଙ୍ଗ ଟେଲିକମ୍ ସର୍କଲ୍‌ର ଚିଫ୍ ଜେନେରାଲ ମ୍ୟାନେଜର (ସିଜିଏମ୍) ଆଇଟିଏସ୍ ମଧୁ ଆରୋରା ଟେଲିକମ୍ ବିଭାଗ(ଡିଓଟି)ର ଉପଦେଷ୍ଟା ଏବଂ ଭାରତ ସରକାରଙ୍କ ସ୍ୱତନ୍ତ୍ର ସଚିବ ଗ୍ରେଡ୍‌ରେ ନିଯୁକ୍ତି ପାଇଛନ୍ତି। କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି ପ୍ରଦାନକାରୀ କମିଟି (ଏସିସି) ଏହ ନିଯୁକ୍ତିକୁ ମଞ୍ଜୁରୀ ଦେଇଛି। ଏଠାରେ ସୂଚନାଯୋଗ୍ୟ ଯେ, ୧୯୮୬ ବ୍ୟାଚ୍ ଆଇଟିଏସ୍‌ର ମଧୁ ହେଉଛନ୍ତି ଟପ୍ପର। ତାଙ୍କର ଅଢ଼େଇ ବର୍ଷର କାର୍ଯ୍ୟକାଳ ସମୟରେ ସେ ପଶ୍ଚିମବଙ୍ଗ ଟେଲିକମ୍ ସର୍କଲ୍‌ରେ ରୂପାନ୍ତରଣ କରାଇଥିଲେ। ପରମ୍ପରମାନ୍ସ ଦୃଷ୍ଟିରୁ ତଳ ଆଡୁ ୪-୫ ସର୍କଲ୍ ମଧ୍ୟରେ ରହୁଥିବା ପଶ୍ଚିମବଙ୍ଗ ଟେଲିକମ୍ ସର୍କଲ୍‌କୁ ମଧୁ ସିଜିଏମ୍ ଦାୟିତ୍ୱ ଗ୍ରହଣ କରିବା ପରେ ଉପର ଆଡୁ ପ୍ରଥମ ୫ ସର୍କଲ୍ ମଧ୍ୟରେ ସ୍ଥାନିତ କରିଥିଲେ। ସେ ଦିଲ୍ଲୀ କଲେଜ ଅଫ୍ ଇଞ୍ଜିନିୟରିଂରୁ ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ୍ସରେ ସ୍ନାତକ ହାସଲ କରିଛନ୍ତି।



# ଫ୍ରିଡମ୍ କଚ୍ଚି ଘନି ସୋରିଷ ତେଲ ୫ ଲି. ବକେଟ୍ ବଜାରରେ

**ଭୁବନେଶ୍ୱର,୨୮।୧(ସମିସ):** ଜେମିନି ଏଡିବଲ୍‌ସ ଆଣ୍ଡ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡ୍ (ଜିଇଏଫ୍ ଇଣ୍ଡିଆ) ତାର ନୂଆ ୫ ଲିଟର ବିଶିଷ୍ଟ ପୁନଃ ବ୍ୟବହାରଯୋଗ୍ୟ ଫ୍ରିଡମ୍ କଚ୍ଚି ଘନି ସୋରିଷ ତେଲର ପ୍ରଥମ ଥର ପାଇଁ ଓଡ଼ିଶା ବଜାରକୁ ଛାଡିଛି। ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲରେ ଏହା ହେଉଛି ସର୍ବଶେଷ ଯୋଗ। ଏହି ତେଲ ଖାଦ୍ୟର ସ୍ୱାଦ ବଢ଼ାଇବ। ପ୍ରତ୍ୟେକ ବ୍ୟଞ୍ଜନକୁ ଏହା ସୁସ୍ୱାଦକୁ କରିବ। ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍ସର ବରିଷ୍ଠ ଉପସଭାପତି (ସେଲ୍ସ ଏବଂ ମାର୍କେଟିଂ) ପି. ଚନ୍ଦ୍ରଶେଖର ରେଡ୍ଡୀ ଏହି ୫ ଲି. ବକେଟ୍‌ର ବଜାର କରିଥିଲେ। ଆଧୁନିକ ସମୟର ଉପଭୋକ୍ତା ଏବଂ ପରିବେଶ ଅନୁକୂଳ ଉତ୍ପାଦର ବ୍ୟବହାରରେ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ତେଲ ବଜାରକୁ ଛଡାଯାଇଛି। ଏ ସମ୍ପର୍କରେ ଶ୍ରୀ ରେଡ୍ଡୀ କହିଛନ୍ତି ଯେ, ପ୍ରଥମ ଥର ପାଇଁ ଓଡ଼ିଶାରେ ୫ ଲି. ବକେଟ୍‌ର କଚ୍ଚି ଘନି ସୋରିଷ ତେଲ ବଜାରକୁ ଛାଡି ଆମେ ବେଶ ଖୁସି। ଗ୍ରାହକଙ୍କ ଉତ୍ତମ ମାନର ଉତ୍ପାଦ ଯୋଗାଇବା ଆମର ଗୁରୁତ୍ୱ।




# ଟିସିଏସ୍ ସହ ଚୁକ୍ତି ଭାଙ୍ଗିଲା ବ୍ରିଟିଶ ୟୁନିଭର୍ସିଟି

**ନୂଆଦିଲ୍ଲୀ,୨୮।୧(ଏଜେନ୍ସି):** ଆଇଟି କମ୍ପାନୀ ଟିସିଏସ୍‌କୁ ଜୋରଦାର ଝଟ୍‌କା ଲାଗିଛି। ଟାଟା ଗ୍ରୁପକୁ ବ୍ରିଟେନ୍‌ର ଅକ୍ସଫର୍ଡ ୟୁନିଭର୍ସିଟି ଏହି ଝଟକା ଦେଇଛି। ବିଶ୍ୱରଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଙ୍କ ମଧ୍ୟରେ ଅନ୍ୟତମ ଅକ୍ସଫର୍ଡ ଏକ ଟେକ୍ନିକାଲ ଗ୍ଲିଚ୍ କାରଣରୁ ଟିସିଏସ୍ ସହିତ ଡିଲ ଟର୍ମିନେଟ୍ କରି ଦେଇଛନ୍ତି। ଅକ୍ସଫର୍ଡ ୟୁନିଭର୍ସିଟିର ମୁଖପାତ୍ର ଏ ନେଇ ଏକ ବୟାନ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ଅକ୍ସଫର୍ଡ ୟୁନିଭର୍ସିଟିର ଅନଲାଇନ ଆଡମିସନ ଟେଷ୍ଟରେ ଛାତ୍ରଛାତ୍ରୀମାନେ ଟେକ୍ନିକାଲ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଣୁ ଟାଟା କନସଲଟାନ୍ସି ସର୍ଭିସେସ୍ ସହିତ କାରବାର ସମାପ୍ତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବୟାନରେ କୁହାଯାଇଛି।




### ୬୯ତମ ଫିଲ୍ମଫେୟାର ଆୱାର୍ଡ୍ସ

# ଡେଭିଡ୍ ଧାୱନଙ୍କୁ 'ଜୀବନ ବ୍ୟାପୀ ସାଧନା' ପୁରସ୍କାର

**ଗାନ୍ଧୀନଗର, ୨୮।୧ (ଏଜେନ୍ସି):** ଗୁଜରାଟ ଗାନ୍ଧୀନଗରର ଗିଫ୍ଟ ସିଟିରେ ୬୯ତମ ଫିଲ୍ମଫେୟାର କାର୍ଯ୍ୟକ୍ରମ ଜାରି ରହିଛି। ବିଭିନ୍ନ ବର୍ଗ ପାଇଁ ପୁରସ୍କାର ଘୋଷଣା କରାଯାଉଛି। ବିଧୁ ବିନୋଦ ଚୋପ୍ରାଙ୍କ '୧୨ଥ୍ ଫେଲ୍' ବେଷ୍ଟ ସ୍କ୍ରିନ୍ପ୍ଲେ ପୁରସ୍କାର ଜିତିଛି। ଓମ୍ଳି-୨ ବେଷ୍ଟ ଷ୍ଟୋରୀ ପୁରସ୍କାର ହାତେଇଛି। ରକି ଔର ରାନୀ କି ପ୍ରେମ କାହାନୀ ପାଇଁ ଇସିତା ମୋଇତ୍ରାଙ୍କୁ ବେଷ୍ଟ ଡାଏଲଗ ସମ୍ମାନ ମିଳିଛି। ଏହା ବ୍ୟତୀତ 'ପଠାନ' ଚଳଚ୍ଚିତ୍ରର ଗୀତ 'ବେସରମ ରଙ୍ଗ' ପାଇଁ ଶିଲ୍ପା ରାଓ ବେଷ୍ଟ ଫିମେଲ ପ୍ଲେବ୍ୟାକ ସିଙ୍ଗର ପୁରସ୍କାର ଜିତିଛନ୍ତି। 'ଆନିମଲ' ଚଳଚ୍ଚିତ୍ରର ଗୀତ ଅର୍ଜନ ଭ୍ୟାଲି ଗାଇଥିବା ଭୁପେନ୍ଦ୍ର ବବଲ ବେଷ୍ଟ ପ୍ଲେବ୍ୟାକ ସିଙ୍ଗର ପାଇଁ ଫିଲ୍ମଫେୟାର ପୁରସ୍କାର ପାଇଛନ୍ତି। ସିନେମା ଜଗତକୁ ଯୋଗଦାନ ପାଇଁ ନିର୍ଦ୍ଦେଶକ ଡେଭିଡ ଧାୱନଙ୍କୁ 'ଜୀବନ ବ୍ୟାପୀ ସାଧନା ପୁରସ୍କାର' ଦିଆଯାଇଛି। ଏହା ବ୍ୟତୀତ 'ତେରେ ବାତ୍ତେ- ଜରା ହଟକେ ଜରା ବଚକେ' ପାଇଁ ଅମିତାଭ ଭଟ୍ଟାଚାର୍ଯ୍ୟଙ୍କୁ ବେଷ୍ଟ ଲିରିକ୍ସ, ଆନିମଲର ସତରଙ୍ଗା ଗୀତ ପାଇଁ ଶ୍ରେୟସ ପୁରାଣିକଙ୍କୁ ଆର.ଡି ବର୍ମନ ପୁରସ୍କାର, ଫରାଜ ପାଇଁ ଆଦିତ୍ୟ ରାୱଲଙ୍କୁ ଶ୍ରେଷ୍ଠ ନବାଗତ ଅଭିନେତା, ସଲ୍ମାନ ଖାନଙ୍କ ଭାଣେଜୀ ଅଲିଜେହ ଅଗ୍ନିହୋତ୍ରୀ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଏବଂ 'ଧକ୍ ଧକ୍' ଚଳଚ୍ଚିତ୍ର ପାଇଁ ତରୁଣ ଡୁଡେଜା ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଛନ୍ତି। ଏହା ପୂର୍ବରୁ ଟେକ୍ନିକାଲ ବର୍ଗର ପୁରସ୍କାର ଘୋଷଣା କରାଯାଇଥିଲା। ଶାହାରୁଖ ଖାନଙ୍କ ଚଳଚ୍ଚିତ୍ର ଯବାନକୁ ବେଷ୍ଟ ଆକ୍ସନ ପାଇଁ ପୁରସ୍କାର ମିଳିଥିଲା। ଏହି ବର୍ଗରେ 'ସାମ୍ ବାହାଦୂର' ସର୍ବାଧିକ ତିନୋଟି ପୁରସ୍କାର ମିଳିଥିଲା।



# ହମାସ୍‌କୁ ଯୁଦ୍ଧରେ ସହାୟତା କରିଥିଲେ ୟୁଏନ୍ ଅଧିକାରୀ

**ତେଲ୍ ଆଭିଭ୍, ୨୮।୧ (ଏଜେନ୍ସି):** ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟରେ ଆମେରିକା ସମେତ ୮ ଦେଶ ମିଳିତ ଜାତିସଂଘ (ୟୁଏନ)ର ଏଜେନ୍ସି ୟୁଏନ୍ ରିଲିଫ ଆଣ୍ଡ ୱାର୍କ ଏଜେନ୍ସି (ୟୁଏନଆରଡବ୍ଲ୍ୟୁଏ)ର ପାଣ୍ଠି ବନ୍ଦ କରିଦେଇଛନ୍ତି। ଏହି ସଂସ୍ଥାର ୧୨ କର୍ମଚାରୀ ଆତଙ୍କବାଦୀ ସଂଗଠନ ହମାସ ସହ ମିଶି ଅକ୍ଟୋବର ୭ରେ ଆକ୍ରମଣରେ ସାମିଲ ଥିଲେ ବୋଲି ଇସ୍ରାଏଲ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ପରେ ଏଜେନ୍ସି ସମସ୍ତଙ୍କୁ ବରଖାସ୍ତ କରିଦେଇଛି। ତେବେ ପାଣ୍ଠି ନ ଅଟକାଇବା ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସ ୮ ଦେଶକୁ ନିବେଦନ କରିଛନ୍ତି। କାରଣ ଏହି ସଂଗଠନ ମାଧ୍ୟମରେ ହିଂସା ଏବଂ ଅନାହାର ମୃତ୍ୟୁ ଅପେକ୍ଷାରେ ଥିବା ଲୋକଙ୍କ ପର୍ଯ୍ୟନ୍ତ ସହାୟତା ପଠା ଯାଇଥାଏ। ୧୨ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଏବଂ ପ୍ରମାଣ ମିଳିଛି। ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୯ କର୍ମଚାରୀଙ୍କୁ ହଟାଇ ଦିଆଯାଇଛି। ଏ ପର୍ଯ୍ୟନ୍ତ ଇସ୍ରାଏଲ ଏବଂ ୟୁଏନ୍ ପକ୍ଷରୁ ଏହି କର୍ମଚାରୀଙ୍କ ଭୂମିକା ବିଷୟରେ ବିସ୍ତୃତ ସୂଚନା ଦିଆଯାଇ ନାହିଁ। ଗୁତରେସ କହିଛନ୍ତି ଯେ ପାଣ୍ଠି ଅଟକି ଗଲେ ଗାଜାରେ ରହୁଥିବା ୨୦ ଲକ୍ଷ ଲୋକଙ୍କୁ ଖାଦ୍ୟପାନୀୟ ପଠା ଯାଇପାରିବ ନାହିଁ। ଅନ୍ୟପକ୍ଷରେ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ ହୋଇଛି। ଏଥିରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଅସ୍ତ୍ରବିରତି ନେଇ ଆଲୋଚନା କରାଯାଉଛି।

**ପାଣ୍ଠି ବନ୍ଦ କଲେ ୮ ଦେଶ**

୬ଷ୍ଠ ଜିଲ୍ଲା ପରିଷଦ ସାଧାରଣ ଅଧିବେଶନ | ଡିଏଫ୍‌ଓଙ୍କ ବିରୁଦ୍ଧରେ ପ୍ରୋସିଡିଂ, ସରକାରଙ୍କୁ ଲେଖାଯିବ ଚିଠି

# ଖୋର୍ଦ୍ଧା ବନପାଳଙ୍କୁ ଗୃହରୁ ବିଦାକଲେ ଅଧ୍ୟକ୍ଷ

ନୟାଗଡ଼, ୨୮।୧(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ୬ଷ୍ଠ ସାଧାରଣ ଅଧିବେଶନ ରବିବାର ହଟ୍ଟଗୋଳ ଓ ଅସନ୍ତୋଷ ମଧ୍ୟରେ ଶେଷ ହୋଇଛି। ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥି ବୁଲେଇ ବଙ୍କେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ଟେରେଛା ବାଣ ମାରିଛନ୍ତି। ଶ୍ରୀଶତପଥିଙ୍କ ପ୍ରଶ୍ନ ଏବଂ ବକ୍ତବ୍ୟକୁ ବହୁ ସଦସ୍ୟ ସମର୍ଥନ ଦେଇଥିବା ବେଳେ ୨ ବର୍ଷ କେବଳ ଅଧ୍ୟକ୍ଷ ଆତ୍ମପ୍ରଚାରକୁ ପ୍ରାଧାନ୍ୟ ଦେଇଥିବା ପ୍ରସଙ୍ଗ ସଭାକୁ ସରଗରମ କରିଥିଲା। ଜିଲ୍ଲା ପରିଷଦ ୬ଷ୍ଠ ସାଧାରଣ ଅଧିବେଶନରେ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚାରୁ କୁମାର ବଳ, ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଥର ପାଇଁ ନୟାଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଜାନକୀ ଦେହୁରି, ଉପାଧ୍ୟକ୍ଷ ଅଜୟ କୁମାର ପ୍ରଧାନ ମଞ୍ଚାସୀନ ରହିଥିଲେ। ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଦଶପଲ୍ଲା ବିଧାୟକ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସମ୍ପର୍କରେ ଆଲୋଚନା କରିଥିଲେ। ଦଶପଲ୍ଲା ବ୍ଲକ ସମେତ ଖୁବଶୀଘ୍ର ନୂଆଗାଁ, ଗଣିଆ, ରଣପୁର ପରିଷଦରେ ସାମିଲ ହେବ ବୋଲି କହିଥିଲେ। ମନରେଗା ଯୋଜନା ସମ୍ପର୍କରେ ଆଲୋଚନା ସମୟରେ ଆବଶ୍ୟକ ତଥ୍ୟ ଉପସ୍ଥାପନ ହୋଇନଥିବା ନେଇ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ମନରେଗା ଯୋଜନାରେ ବନବିଭାଗ ଯେଉଁ କାର୍ଯ୍ୟ କରୁଛି, ତାହାର ଏଷ୍ଟିମେଟାଲରୁ ବିଲ ପର୍ଯ୍ୟନ୍ତ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା କରାଯାଉଛି। ଯାହାକୁ ନେଇ ବୈଠକରେ ପ୍ରସଙ୍ଗ ଉପସ୍ଥାପନ ହୋଇଥିଲା। ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀ, ମହାନଦୀ ବନ୍ୟପ୍ରାଣୀ ଡିଏଫ୍‌ଓ ଫାଲଗୁନି ସାରଥି ମଲ୍ଲିକ ବୈଠକରେ ଉପସ୍ଥିତ ନଥିବା ଦେଖାଯାଇଥିଲା। ତାଙ୍କ ବଦଳରେ ଏସିଏଫ୍ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧା ଡିଏଫ୍‌ଓଙ୍କ ବଦଳରେ ଜଣେ ବନପାଳ ଉପସ୍ଥିତ ଥିଲେ। ଏନେଇ କାହିଁକି ଲିଖିତ ଭାବେ ଜିଲ୍ଲାପାଳ କିମ୍ବା ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇ ନାହିଁ ବୋଲି ପ୍ରଶ୍ନ ଉଠିଥିଲା। ଗଣିଆ ଜିଲ୍ଲା ପରିଷଦ ନରେଶ କୁମାର ବେହେରା ଜିଲ୍ଲା ପରିଷଦ ବୈଠକକୁ ଡିଏଫ୍‌ଓଙ୍କ ଅଣଦେଖା, ସମ୍ମାନହାନୀ କରୁଥିବା କହିଥିଲେ। ବିଗତ ୨ ବର୍ଷ ମଧ୍ୟରେ କେତେଥର ଡିଏଫ୍‌ଓ ଉପସ୍ଥିତ ରହିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଖୋର୍ଦ୍ଧାରୁ ଆସିଥିବା ବନପାଳଙ୍କୁ ବୈଠକରୁ ବିଦା କରିବା ପାଇଁ ରୁଲିଂ ଆଣିଥିଲେ। ବନପାଳ ବୈଠକରୁ ବାହାରି ଯିବା ପରେ ନୟାଗଡ଼ର ଦୁଇ ଡିଏଫ୍‌ଓଙ୍କ ନାମରେ ଜିଲ୍ଲା ପରିଷଦ ପ୍ରୋସିଡିଂ କରାଯିବାକୁ ଅଧ୍ୟକ୍ଷ ପ୍ରସ୍ତାବ ରଖିଥିଲେ। ଜିଲ୍ଲାପାଳ ଉଭୟଙ୍କ ବିରୁଦ୍ଧରେ ସରକାରଙ୍କୁ ଚିଠି କରିବାକୁ କହିଥିଲେ। ଶରଣକୁଳ ବନାଞ୍ଚଳ ଅଧିକାରୀ ଗୋଟିଏ ଫର୍ଣ୍ଣଚର ବୋଝେଇ ଗାଡ଼ିକୁ ବିଲ ପାଇଁ ୮ ଘଣ୍ଟା ଅଟକ ରଖିଥିବା ନେଇ ରଣପୁର ବିଧାୟକ ବୈଠକରେ ଉପସ୍ଥାପନ କରିବା ସହ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ଏସିଏଫ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନରେଗା ଯୋଜନାରେ ବନବିଭାଗ ଦ୍ୱାରା ଜଙ୍ଗଲ ମଧ୍ୟରେ ରହିଥିବା ଗ୍ରାମ ଗୁଡିକୁ ରାସ୍ତା ନିର୍ମାଣ କରିବା ପାଇଁ ଦଶପଲ୍ଲା ବିଧାୟକ ପରାମର୍ଶ ଦେଇଥିଲେ। ବୈଠକରେ ଅଧିକାରୀଙ୍କ ଅନୁପସ୍ଥିତି ଏବଂ ଆଲୋଚ୍ୟ ବିଷୟ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବା ପ୍ରସଙ୍ଗ ଉପସ୍ଥାପନ କରି ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ପରୋକ୍ଷରେ ଟାର୍ଗେଟ କରିଥିଲେ। ବିଭିନ୍ନ ଢଗ ଉପସ୍ଥାପନ କରି ଜିଲ୍ଲା ପରିଷଦ ଗାମ୍ଭୀର୍ଯ୍ୟ ବଜାୟ ରହିଲେ, ସମସ୍ତଙ୍କଠାରୁ ସମ୍ମାନ ମିଳିବ ବୋଲି କହିଥିଲେ। ୨ ବର୍ଷ ମଧ୍ୟରେ କଣ କରାଯାଇଛି, ତାହା ଆହ ସମୀକ୍ଷା କରିବା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲା ପରିଷଦ ବିଶ୍ରାମ କକ୍ଷକୁ ଅଧ୍ୟକ୍ଷ ନିଜ ବାସଗୃହ କରିଥିବା କହି ତାତ୍ସଲ୍ୟ କରିଥିଲେ। ବୈଠକରେ ଜିଲ୍ଲାର ବିଡିଓମାନେ ଉପସ୍ଥିତ ନଥିବାକୁ ନେଇ ଅଧ୍ୟକ୍ଷ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବିଭିନ୍ନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ।




## ଚିଠିକୁ ନେଇ ହଟ୍ଟଗୋଳ

ରଣପୁର ବ୍ଲକ ଅଧ୍ୟକ୍ଷାଙ୍କୁ ମେମୋ କରି କରାଯାଇଥିବା ଏକ ଚିଠିକୁ ନେଇ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଉକ୍ତ ଚିଠି କିଭଳି ସୋସିଆଲ ମିଡିଆକୁ ଗଲା ବୋଲି ଅଧ୍ୟକ୍ଷା ପ୍ରଶ୍ନ ଉଠାଇଥିଲେ।ଉଦ୍ଦେଶ୍ୟ ମୂଳକ ଭାବେ ତାଙ୍କୁ ବଦନାମ କରିବା ପାଇଁ ଚେଷ୍ଟା କରାଯାଉଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ନୟାଗଡ଼ ବିଧାୟକ ଡ. ସାହୁ, ଜିଲ୍ଲାପାଳ ଚିଠିରେ ସିଧାସଳଖ ନାମ ଲେଖି ପ୍ରଶ୍ନ କରାଯାଇଛି କି ବୋଲି ପଚାରିବା ସହ ଉକ୍ତ ଚିଠିକୁ ସର୍ବ ସମ୍ମୁଖରେ ପଢ଼ିବା ପାଇଁ କହିଥିଲେ। ଚିଠିରେ ବ୍ଲକ ଅଧ୍ୟକ୍ଷାଙ୍କ ନାମ ଉଲ୍ଲେଖ କରାଯାଇ ନଥିବାରୁ ପ୍ରସଙ୍ଗ ଆଲୋଚନା ପାଇଁ ଗ୍ରହଣ କରାଯାଇନଥିଲା।

## ୪ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ଆସନ୍ତା ୩୧ ତାରିଖରେ ଅବସର ଗ୍ରହଣ କରିବେ। ସେହିଭଳି ଭାବେ ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚାରୁ କୁମାର ବଳ, ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ, ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କର ନୟାଗଡ଼ ଜିଲ୍ଲାରୁ ଅନ୍ୟତ୍ର ବଦଳି ହୋଇଛି। ଜିଲ୍ଲା ପରିଷଦ ପକ୍ଷରୁ ସମସ୍ତଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଏବଂ ଲୋକପ୍ରିୟତାକୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରଶଂସା କରିଥିଲେ।

## ସରପଞ୍ଚ ଶ୍ୱଶୁରଙ୍କ ସ୍ମୃତି ପାର୍କରେ ମନରେଗା ଅର୍ଥ

ନୟାଗଡ଼ ଜିଲ୍ଲା ପରିଷଦ ୬ଷ୍ଠ ସାଧାରଣ ଅଧିବେଶନ ମନରେଗା ଉପରେ ଆଲୋଚନା ସମୟରେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମାଳା ବେହେରା ଏକ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ରଣପୁର ବ୍ଲକ ଚାନ୍ଦପୁର ପଞ୍ଚାୟତ ସରପଞ୍ଚ ରଞ୍ଜିତା ସେନାପତିଙ୍କ ଶ୍ୱଶୁର ସ୍ୱର୍ଗତ ଦୁଃଖିଶ୍ୟାମ ସେନାପତିଙ୍କ ସ୍ମୃତିରେ ନିର୍ମାଣ କରାଯାଇଥିବା ପ୍ରତିମୂର୍ତ୍ତୀ, ପାର୍କରେ ମନରେଗା ଅର୍ଥ ବ୍ୟୟ କରାଯାଇଥିବା କହିଥିଲେ। ମନରେଗା ଯୋଜନାରେ ୫ ଲକ୍ଷ ଟଙ୍କା କାହିଁକି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବ୍ୟୟ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ଏହି ପ୍ରତିମୂର୍ତ୍ତୀ ଉନ୍ମୋଚନରେ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଉପସ୍ଥିତ ରହିଥିବା ବେଳେ ସରକାରୀ ଅର୍ଥର ଅପବ୍ୟବହାର କରାଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନରେଗା କର୍ମଚାରୀଙ୍କୁ ବୈଠକ ଶେଷ ସୁଦ୍ଧା ସବିଶେଷ ତଥ୍ୟ ଉପସ୍ଥାପନ କରିବାକୁ କହିଥିଲେ। ବୈଠକ ଶେଷ ହୋଇଥିଲେ ମଧ୍ୟ କୌଣସି ତଥ୍ୟ ଉପସ୍ଥାପନ କରାଯାଇନଥିଲା।

● ଝାଡେଶ୍ୱରୀଙ୍କ ପୀଠରେ ୬୨ ଲକ୍ଷ ବ୍ୟୟ

## ଦୋଳି ଭାଙ୍ଗିଗଲାଣି, ଶୌଚାଳୟରେ ଆସୁନି ପାଣି

ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟସ୍ଥ ଭଣ୍ଡାର ପାହାଡ ପାଦଦେଶରେ ରହିଥିବା ଝାଡେଶ୍ୱରୀ ପୀଠରେ ୬୨ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ବନବିଭାଗ ଏହାର ନିର୍ମାଣ କାର୍ଯ୍ୟ କରିଥିବା ବେଳେ ଦୋଳି ଭାଙ୍ଗି ଯାଇଛି। ନିର୍ମାଣ ହେଇଥିବା ଶୌଚାଳୟରେ ପାଣି ଆସୁନାହିଁ। ଯାହାକୁ ନେଇ ରଣପୁର ବିଧାୟକ ଅସନ୍ତୋଷ ପ୍ରକାଶ କରିବା ସହ କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଛି, ତାହାର ହିସାବ ଦେବା ପାଇଁ ଏସିଏଫ୍ ହିମାଂଶୁ ମୁଦୁଲିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନବିଭାଗ ଏହି ସ୍ଥାନରେ ଯେନ ତେନ କାର୍ଯ୍ୟ କରି ବିଲ ଉଠାଣ କରିଥିବା ବେଳେ ବୈଠକରେ ରଣପୁର ବିଧାୟକ ଅସନ୍ତୋଷ ପ୍ରକାଶ କରିବା ଘଟଣାକୁ ସମ୍ବେଦନ ଶୀଳ କରିଛି।

---

## ପ୍ରେମିକ ଘର ଆଗରେ ପ୍ରେମିକାର ଧାରଣା, ଭାଙ୍ଗିଲା ବାହାଘର

ନୟାଗଡ଼, ୨୮।୧(ସମିସ): ନୟାଗଡ଼ ସଦରଥାନା ଅନ୍ତର୍ଗତ ଗୋଲଗୋଳ ଗ୍ରାମରେ ଶନିବାର ରାତିରୁ ଜଣେ ଯୁବତୀ ଜଣେ ଯୁବକଙ୍କ ଘର ଆଗରେ ଧାରଣା ଦେଇଥିଲେ। ରବିବାର ପୁଲିସ ଯୁବତୀଙ୍କୁ ଥାନାକୁ ଆଣି ଅଭିଯୋଗ ଗ୍ରହଣ କରିଛି। ସୂଚନାନୁସାରେ, ନୟାଗଡ଼ ସଦରଥାନା ଅନ୍ତର୍ଗତ ଗୋଲଗୋଳା ଗ୍ରାମର ଲକ୍ଷ୍ମୀଧର ରଥଙ୍କ ପୁଅ ଦିବାକର ରଥଙ୍କର ରବିବାର ଥିଲା ବାହାଘର। ଶନିବାର ରାତିରେ କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଗୋଡିବନ୍ଧ ଗ୍ରାମର ବିଶ୍ୱନାଥ ସାହୁଙ୍କ ଝିଅ ମିନାକ୍ଷୀବାଳା ସାହୁ ପ୍ରେମିକ ଦିବାକରଙ୍କ ଘର ସାମ୍ନାରେ ଧାରଣା ଦେଇଥିଲେ। ମିନାକ୍ଷୀ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରୁହନ୍ତି। ତାଙ୍କର ଦିବାକରଙ୍କ ସହ ୫ ବର୍ଷ ହେଲା ସମ୍ପର୍କ ରହିଥିବା ଅଭିଯୋଗ କରିଛନ୍ତି। ମାସେ ତଳେ ମିନାକ୍ଷୀଙ୍କୁ ନିଜ ପ୍ରେମିକଙ୍କ ଉପରେ ସନ୍ଦେହ ହୋଇଥିଲା। ସେ ବିବାହ ପ୍ରସ୍ତୁତ ହେବା ଜାଣିବା ପରେ ଲକ୍ଷ୍ମୀସାଗର ଥାନା ଦ୍ୱାରସ୍ଥ ହୋଇଥିଲେ। ଏଥିରେ ତାଙ୍କୁ କିଛି ସୁଫଳ ନମିଳିବାରୁ ପ୍ରେମିକ ଦିବାକରଙ୍କ ଘର ଦୁଆରେ ବସି ରହିଥିଲେ। ରବିବାର ସେ ନୟାଗଡ଼ ସଦରଥାନା ପୁଲିସ ତାଙ୍କୁ ଥାନାକୁ ଆଣିଥିଲେ। ମିନାକ୍ଷୀବାଳା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ, ଦିବାକର ଫେରାର ହୋଇଯାଇଥିବା ବେଳେ ତାଙ୍କ ବିବାହ ଭାଙ୍ଗି ଯାଇଥିବା ସୂଚନା ମିଳିଛି।

## ଗଛରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଖଣ୍ଡପଡ଼ା, ୨୮।୧(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହିରୁ ଆଡକଟା ରାସ୍ତାର ଦହିଖାଇ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ନେଇ ସୂଚନା ମିଳିଛି। ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ମିଳିଥିବା ସୂଚନା ମୁତାବକ ଢୋଲମରା ପଞ୍ଚାୟତ ଅଧୀନ ବରପଲ୍ଲୀ ଗ୍ରାମର ଭାବଗ୍ରାହୀ ପରିଡ଼ା (୩୨) ବାଇକ୍ ଯୋଗେ ଖଳିସାହି ଅଭିମୁଖେ ଆସୁଥିଲେ। ତେବେ ଦହିଖାଇ ଛକ ପୂର୍ବରୁ ଭାରସ୍ୟାମ ହରାଇ ଗଛରେ ପିଟି ହୋଇ ଯାଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଭାଗଗ୍ରାହୀଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

---

ଓଡ଼ଗାଁ କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ମହାମିଳନ

## ସମଷ୍ଟିଗତ ସମ୍ପତ୍ତିର ସୁରକ୍ଷା ଆମର ଦାୟିତ୍ୱ



ଓଡ଼ଗାଁ, ୨୮।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ରବିବାର ପୁରାତନ ଓ ନୂତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମହାମିଳନ ଉସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଶୁରେଶ ଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଅଧ୍ୟାପକ ତଥା ଓଡ଼ଗାଁ କଲେଜ ପୁରାତନ ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଉମାର ମାଳିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନର ଅଧ୍ୟକ୍ଷ ରାଜକିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ଗାଁ ବିକାଶ ଦିଗରେ ପ୍ରଗତିଶୀଳ ହେଉଥିବା ବେଳେ ଯେଉଁ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ହେଉଛି ଏହି ସାମୁହିକ ସମଷ୍ଟିଗତ ସମ୍ପତ୍ତିର ସୁରକ୍ଷା ଓ ସୁପରିଚାଳନା ଆମର ଦାୟିତ୍ୱ। ଏହି ଦାଇତ୍ୱକୁ ସଠିକ୍ ଭାବରେ ପାଳନ କଲେ ସ୍ଥାନୀୟ ମାଟିମା ପାଇଁ ତାହାହିଁ ହେବ ଶ୍ରେଷ୍ଠ ଉପହାର ବୋଲି ବିଧାୟକ କରିଥିଲେ। ପଞ୍ଚାନନ ପଣ୍ଡା, ପ୍ରଫୁଲ୍ଲ ଡାକୁଆ, ଦିବାକର ନାୟକ ପ୍ରମୁଖ ପୁରାତନ ଛାତ୍ରମାନେ ୧୯୭୮ କଲେଜ ଆରମ୍ଭ ସମୟର ତିକ୍ତ ଅନୁଭୂତିକୁ ଉପସ୍ଥିତ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଓ ଦେଢ ହଜାରରୁ ଊର୍ଦ୍ଧ୍ୱ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଣ୍ଟିଥିଲେ। ଉକ୍ତ କଲେଜରେ ଅଧ୍ୟାପନା କରି ଅବସର ଗ୍ରହଣ କରିଥିବା ଅଧ୍ୟକ୍ଷ ଓ ଅଧ୍ୟାପକ ଏବଂ ଗଣଶିକ୍ଷକ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କର ଦଳଗତ ନୃତ୍ୟ ପରିବେଷଣ ସହିତ କଟକ ମେଲୋଡି ସଙ୍ଗୀତ ସରଗରମ ସମସ୍ତଙ୍କ ମନ ମୋହିଥିଲା।

---

## କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଜୟନ୍ତୀ ପାଳିତ

ଶରଣକୁଳ, ୨୮।୧(ସମିସ):ସ୍ଥାନୀୟ ସଦାନନ୍ଦ ସାହିତ୍ୟ ପରିଷଦ ପକ୍ଷରୁ ରୀତିଯୁଗୀୟ ମହାନ କବି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଜୟନ୍ତୀ ଉତ୍ସବ ନିଜ ଜନ୍ମମାଟି ଶରଣକୁଳ ଭିକାରୀପଡ଼ା କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି।ଏହି ଅବସରରେ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ପରିଷଦର ସଦାନନ୍ଦଙ୍କ ବାଲ୍ୟ ଜୀବନ ଓ କାବ୍ୟ କୃତୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଳା, ସାହିତ୍ୟ, ସଂସ୍କୃତି ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ତଥା ପ୍ରତିଷ୍ଠିତ ସଂକୀର୍ତ୍ତନ ଗାୟକ ନିତ୍ୟାନନ୍ଦ ମହାରଣାଙ୍କୁ 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ସମ୍ମାନ, ଯୁବ କବି, ସାହିତ୍ୟିକ, ନାଟ୍ୟକାର ଓ ସୁଶିକ୍ଷକ ଯଶୋବନ୍ତ ପଟ୍ଟନାୟକଙ୍କୁ 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ



କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ରକୁ ବରିଷ୍ଠ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ନୟାଗଡ଼ ଜିଲ୍ଲା ଲେଖକ ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ମୁଖ୍ୟ ଅତିଥି, ରାଜ୍ୟ ପାଲା ଗାୟକ ସଙ୍ଘ ସଂଗଠନ ସମ୍ପାଦକ ଗାୟକ କଳାନିଧି ମନୋଜ କୁମାର ମିଶ୍ର ମୁଖ୍ୟବକ୍ତା, କବି ଡ. ନିର୍ମଳ ଚନ୍ଦ୍ର ଶୁରଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ନିଳିମା ନନ୍ଦ ଓ ନୀଳମାଧବ ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପରିଚାଳନା କମିଟି ସଦସ୍ୟ ଗୋଦାବରୀ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

---

କେପିଏଲ୍ ଉଦଯାପିତ

## କୁଲୁରୁକୁମ୍ଭାରେ ସମାଜସେବୀ ଶ୍ରୀହରିଙ୍କୁ ସମ୍ବର୍ଦ୍ଧନା



ଦଶପଲ୍ଲା, ୨୮।୧(ସମିସ):ଦଶପଲ୍ଲା ବ୍ଲକ କୁଲୁରୁକୁମ୍ଭା ହାଇସ୍କୁଲ ପଡ଼ିଆରେ ଚାଲିଥିବା କୁଲୁରୁକୁମ୍ଭା ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତାରେ ଆଖପାଖ ବିଭିନ୍ନ ପଞ୍ଚାୟତ ଗ୍ରାମାଞ୍ଚଳରୁ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ରେ କୁଲୁରୁକୁମ୍ଭା ରାଜୁ ମେଡିସିନ ଗ୍ରୁପ୍ ଚାମ୍ପିଅନ ଟ୍ରଫି ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଶ୍ରିହରି ନାୟକଙ୍କୁ ମୁଖ୍ୟଅତିଥି ଭାବରେ ବାଜା ବକ୍ଷଣ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ବହୁ ବିଶିଷ୍ଟ ବର୍ଷୀୟାନ ବୁଦ୍ଧିଜୀବି ଓ ଯୁବଗୋଷ୍ଠୀ ଏଥିରେ ସ୍ୱତଃପୂର୍ବ ସାମିଲ ହୋଇ ଥିଲେ। ମଞ୍ଚରେ ଶ୍ରୀନାୟକ କ୍ରୀଡା ମଣିଷର ବୌଦ୍ଧିକ ବିକାଶ ସହିତ ସମାଜରେ ଭାଇଚାରା ସୃଷ୍ଟି କରେ କହିବା ସହିତ କୁଲୁରୁକୁମ୍ଭକ୍ଷ ପ୍ରତି ସବୁଦିନିଆ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ବସନ୍ତ ସାହୁ, ପ୍ରାକ୍ତନ ସରପଞ୍ଚ ବବିତା ନାୟକ, ଯଦୁନାଥ ନାୟକ, ପ୍ରଫୁଲ୍ଲ ନାୟକ ପ୍ରମୁଖ ମଞ୍ଚାସିନ ଅତିଥି ଭାବରେ ବକ୍ତବ୍ୟ ରଖିଥିଲେ। ସୂଚନା ଯୋଗ୍ୟ ଯେ ଏହି ଅଞ୍ଚଳରେ ଶ୍ରିହରି ନାୟକ ଦମ୍ପତି ୨ଟି ଭବ୍ୟ ମନ୍ଦିର, ଗ୍ରାମ୍ୟ ତୋରଣ, କୋଠ ଘର ନିର୍ମାଣ ସହିତ ବାଣୀ ଗୋଛକ୍ଷ ଅଞ୍ଚଳରେ ମାଗଣା ଆମ୍ବୁଲାନ୍ସ ସେବା ଯୋଗାଇ ଭରପୁର ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇ ପାରିଛନ୍ତି।

## ବନବିଭାଗ ପକ୍ଷରୁ ବନ୍ୟପ୍ରାଣୀ ମାଂସ ଜବତ

ଓଡ଼ଗାଁ, ୨୮।୧(ସମିସ): ଓଡ଼ଗାଁ ବନବିଭାଗ ପକ୍ଷରୁ ରବିବାର ସକାଳେ ଚଢ଼ଉ କରାଯାଇ ପନ୍ତିଖାରୀ ପଞ୍ଚାୟତ ସାମ୍ନାରେ ଥିବା ପୁଷ୍କରିଣୀର ହୁଡାର ପାର୍ଶ୍ୱରୁ ବନ୍ୟପ୍ରାଣୀ ମାଂସ ସହିତ ଏକ ସାଇକଲ ଜବତ କରିଥିଲେ। ଚଢ଼ଉ ବେଳେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସିଯାଇଥିଲା। ବ୍ୟାଗରେ ପଲିଥିନ ପ୍ୟାକେଟରେ ୧ କେଜି ଲେଖାଏଁ ମାଂସ ରହିଥିବା ବେଳେ ୧୧ ପ୍ୟାକେଟ୍ ମିଳିଥିଲା। ବିଶେଷ ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ନିଖିଲେସ ମଲ୍ଲିକଙ୍କ ନିର୍ଦ୍ଦେଶରେ ବନପାଳ ସରିତା ବରାଳ ଏବଂ ତାଙ୍କ ସହକର୍ମୀମାନେ ଚଢ଼ଉ କରିଥିଲେ।

## ଗୋପାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବାହାଡ଼ା ଚାମ୍ପିଅନ

ଖଣ୍ଡପଡ଼ା, ୨୮।୧(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡ଼ା ବିଦ୍ୟାଳୟ କ୍ରୀଡାଙ୍ଗନରେ ମା'ବାହାଡ଼ାଶୁଣୀ ସ୍ପୋର୍ଟସ ଆନୁକୂଲ୍ୟରେ ଚାଲିଥିବା ଗୋପାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନଲ ମ୍ୟାଚ୍‌ରେ ବାହାଡ଼ାଶୁଣୀ ସ୍ପୋର୍ଟସ କ୍ଲବ ବାହାଡ଼ା ୮୬ ରନରେ ବଘେଇ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିଅନ ହୋଇଛି। ବାହାଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ ସଂଗୃହିତ କରିଥିଲେ। ଜବାବରେ ବଘେଇ ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୪ ରନ କରିବାକୁ ସକ୍ଷମ ହୋଇଥିଲେ। ଖେଳକୁ ସନ୍ତୋଷ ଖଟୁଆ ଓ ବିକାଶ ମଲ୍ଲ ପରିଚାଳନା କରିଥିବା ବେଳେ ଗଣେଶ ଦଳେଇ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ସଭାପତି ଦଣ୍ଡଧର ମଲ୍ଲ ଓ ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ଯୋଗ ଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ।ଚାମ୍ପିଅନ ଟିମକୁ ୧୦ ହଜାର ଅର୍ଥ ରାଶି ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୬ ହଜାର ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଟିମର ବିଶ୍ୱନାଥ ଦଳେଇଙ୍କୁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ବିକାଶ ପରିଡ଼ା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ସୁପରିଚାଳନାରେ ସୁଜିତ କୁମାର ବେହେରା, ପିତବାସ ଦଳେଇ, ରଣଜିତ ବେହେରା, ନେପାଳ ଦଳେଇ, ଗୋପାଳ ଦଳେଇ, ଅକ୍ଷୟ ଗୁରୁ, ପ୍ରଭାତ ମଲ୍ଲ, ମନୋଜ ବେହେରା, ସୁଶାନ୍ତ ଦଳେଇ, ମନୋଜ କୁମାର ସାହୁ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ନର୍ସିଂ କଲେଜ ଛାତ୍ରୀକୁ ଅପହରଣ ଉଦ୍ୟମ; ୩ଗିରଫ

**ଖୋର୍ଦ୍ଧା,୨୮ ।୧(ସମିସ):** ସ୍ଥାନୀୟ ଏକ ନର୍ସିଂ କଲେଜର ଜଣେ ୧୯ବର୍ଷୀୟ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ କରିବା ଅଭିଯୋଗ ରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ୩ଜଣ ହେଲେ ବାଘମାରୀ ଥାନା ଦିନିଆରୀ ର ଗୋପିନାଥ ପଣ୍ଡା (୨୬), ବେଗୁନିଆ ଥାନା ବଡବେରଣା ର ଲୋକନାଥ ପ୍ରଧାନ (୨୧) ଏବଂ ଭରତପୁର ଥାନା ଭରତପୁର ର ପ୍ରଶାନ୍ତ ପଣ୍ଡା (୨୯)। ସେମାନଙ୍କ ଠାରୁ ପୁଲିସ ଅପହରଣ ରେ ବ୍ୟବହୃତ କାର (ନଂ-ଓଡି ୦୨ ସି ଇ ୯୪୮୪)କୁ ଜବତ କରିଛି। ସୂଚନା ଅନୁସାରେ, ବେଗୁନିଆ ବଡବେରଣା ଅଞ୍ଚଳର ଜନୈକ ଛାତ୍ରୀ ସ୍ଥାନୀୟ ଏକ ନର୍ସିଂ କଲେଜରେ ପଢନ୍ତି। ପ୍ରତିଦିନ ପରି ଗତକାଲି ସେ କ୍ଲାସ ସାରି ଫେରୁଥିବାବେଳେ ପ୍ରଶାନ୍ତ, ଗେପିନାଥ ଓ ଲୋକନାଥ ଏକ କାରଯୋଗେ ତାଙ୍କୁ ଅପହରଣ କରିବାକୁ ଉଦ୍ୟମ କରୁଥିଲେ।ଏହାଦେଖି ସ୍ଥାନୀୟ ଲୋକେ ସେମାନଙ୍କଠାରୁ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଯୁବକ ୩ଜଣଙ୍କୁ ଧରି ସ୍ଥାନୀୟ ଲୋକ ପୁଲିସ ଜିମା ଦେଇଥିଲେ। ଛାତ୍ରୀଙ୍କ ଅଭିଯୋଗ ଉପରେ ପୁଲିସ ୪୭/୨୪ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି।

# ଚାନ୍ଦପୁର ଗାନ୍ଧୀ ମାର୍କେଟରେ ନିଆଁ

**ଟାଙ୍ଗୀ,୨୮ ।୧(ସମିସ):**ଟାଙ୍ଗୀ ଅଞ୍ଚଳର ପ୍ରମୁଖ ବଜାର ଚାନ୍ଦପୁରର ସଦାସର୍ବଦା ଜନଗହଳି ପୂର୍ଣ୍ଣ ଗାନ୍ଧୀ ମାର୍କେଟରେ ସଟ୍ ସର୍କିଟ୍‌ରୁ ନିଆଁ ଲାଗିଥିଲା। ମାତ୍ର ୧ କିମି ଦୂରରେ ଥିବା ଟାଙ୍ଗୀ ଦମକଳ ବାହିନୀକୁ ଖବର ଦେବା ପରେ ଦମକଳବାହିନୀ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା।

# କେବୁଲ ଟିଭି ସଂଘ ସମ୍ପାଦକଙ୍କ ମୃତ୍ୟୁ



**ବାଲୁଗାଁ,୨୮ ।୧(ସମିସ):** ବାଲୁଗାଁ ବାଣପୁର ଏବଂ ଏହାର ଆଖପାଖ ଅଞ୍ଚଳର କେବୁଲ ଟିଭି ମାଲିକମାନଙ୍କୁ ନେଇ ଗଠିତ ଉମାମହେଶ୍ୱର କେବୁଲ ଟିଭି ସଂଘର ସମ୍ପାଦକ ତଥା ବଡକୁଳ ଅଞ୍ଚଳର ଯୁବ ବ୍ୟବସାୟୀ ମାଧବ ଧୋରା (୩୭) ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି।ସୂଚନା ମୁତାବକ ବଡକୂଳ ଗ୍ରାମର ମାଧବ ବହୁ ବର୍ଷ ଧରି ଟିଭି କେବୁଲ ଓ ଅନ୍ୟାନ୍ୟ ବ୍ୟବସାୟ କରି ଆସୁଥିଲେ। ରାତିରେ ଘରେ ବସି ଥିବା ବେଳେ ମାଧବ ହଠାତ ଚୌକିରୁ ତଳେ ପଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଓ ବଡକୁଳ ବାଲୁଗାଁ ଅଞ୍ଚଳର ବହୁ ବ୍ୟବସାୟୀ ତାଙ୍କର ଶେଷ ଦର୍ଶନ କରିଥିଲେ। ବଡକୁଳ ସ୍ଥିତ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଛି।

# ଦୁଇ ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍ :ଜଣେ ମୃତ, ଜଣେ ଗୁରୁତର

**ଜଟଣୀ,୨୮ ।୧(ସମିସ):**ଜଟଣୀ ଥାନା ବେଣାପଞ୍ଜରୀ ଠାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍ ଘଟଣା ସ୍ଥଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଆଉ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଟ୍ରକ୍‌କୁ ଓଭରଟେକ କରୁଥିବା୨ଟି ବାଇକ୍ ଭାଙ୍ଗି ଚୁରମାର ହୋଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ଗୁରୁଜଙ୍ଗ ଅଞ୍ଚଳର ଜନୈକ ଯୁବକ ନିଜ ଶଶୁର ଘର ଜୋରକଣିରୁ ଖୋର୍ଦ୍ଧା ଫେରୁଥିବା ବେଳେ ବେଣାପଞ୍ଜରୀ ନିକଟ ଏକ ଫାର୍ମହାଉସ ସାମ୍ନାରେ ଘଟିଛି ଏହି ଦୁର୍ଘଟଣା। ଗୋଟିଏ ବୁଲେଟ ଆଉ ଗୋଟିଏ ପଲସର ବାଇକ୍‌ରେ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଆର୦୯-ଏଫ୧୩୪୩ ନମ୍ବର ବିଶିଷ୍ଟ ଟ୍ରକ୍ ଉକ୍ତ ୨ବାଇକ୍‌କୁ ସାମ୍ନା ପଟରୁ ଧକ୍କା ଦେଇଥିଲା। ଯୁବକ ଦୁଇଜଣଙ୍କର ସଠିକ ପରିଚୟ ମିଳି ନଥିବା ବେଳେ ଜଟଣୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିବା ସହ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଛି। ପୁଲିସ ସମସ୍ତ ଗୁଡିଗୁଡିକୁ ଜବତ କରିଛି।

# ମା' କାଳିଜାଈ ମତ୍ସ୍ୟବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା





**ବାଲୁଗାଁ,୨୮ ।୧(ସମିସ):** ବାଲୁଗାଁ ଚିଲିକା କୂଳ ଜେଟି ସ୍ଥିତ ମତ୍ସ୍ୟବ୍ୟବସାୟୀ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଗଢି ଉଠିଥିବା ମା କାଳିଜାଈ ମତ୍ସ୍ୟ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇ ଯାଇଛି। ପୂର୍ବରୁ ଏହି ସଂଘର ସଭାପତି ଭାବେ ଜୟନ୍ତ କୁମାର ସ୍ୱାଇଁ କାର୍ଯ୍ୟଭାର ତୁଲାଇ ଆସୁ ଥିବା ବେଳେ ସଂଘର ସଦସ୍ୟ ମାନେ କିଛି ବର୍ଷ ହେଲା ଅସନ୍ତୋଷ ବ୍ୟକ୍ତ କରି ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ଦାବି କରି ଆସୁଥିଲେ। ଏହିକ୍ରମରେ ବର୍ତ୍ତମାନ ମତ୍ସ୍ୟ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇ ଯାଇଛି। ସଂଘର ସର୍ବସମ୍ମତିକ୍ରମେ ସନାତନ ବଳବନ୍ତ ରାୟ ନୂତନ ସଭାପତି ଓ ରଂଜନ କୁମାର ବେହେରା ସମ୍ପାଦକ ଭାବେ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତାମାନେ ନିଜ ଦାୟିତ୍ୱ ଭାର ଗ୍ରହଣ କରି ମତ୍ସ୍ୟ ବ୍ୟବସାୟର ଉନ୍ନତି ସହ ସଂଘର ସମସ୍ତ ସଦସ୍ୟଙ୍କ ହିତକୁ ନଜରରେ ରଖି କାର୍ଯ୍ୟ କରିବେ ବୋଲି କହିଥିବା ବେଳେ ନୂତନ କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଉଛି।

## ● ପ୍ରାଣନାଥ କଲେଜର ସାମ୍ବତ୍ସରିକ ଉତ୍ସବ

# ଗୋବିନ୍ଦଙ୍କୁ ପ୍ରାଣନାଥ, ଅମରେଶଙ୍କୁ ମଞ୍ଜରୀ ଦେବୀ ସମ୍ମାନ

**ଖୋର୍ଦ୍ଧା,୨୮ ।୧(ସମିସ)**



ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କଲେଜର ୬୫ତମ ସାମ୍ବତ୍ସରିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ମୁଖ୍ୟ ଶାସନ ସଚୀବ ପ୍ରଦୀପ କୁମାର ଜେନା, ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟଅତିଥି ଶ୍ରୀଜେନା ମହାବିଦ୍ୟାଳୟର ମୁଖପତ୍ର ପ୍ରତୀକ, ଗବେଷଣାତ୍ମକ ପ୍ରବନ୍ଧ ମଞ୍ଜରୀ ଏବଂ କଲେଜ ବୁଲେଟିନକୁ ଉନ୍ମୋଚନ କରିଥିଲେ। ସେହିପରି ପ୍ରାଧ୍ୟାପିକା ଡଃ ନନ୍ଦିତା ଛୋଟରାୟଙ୍କ ଲିଖିତ 'କର୍ମ' ପୁସ୍ତକକୁ ମୁଖ୍ୟ ଅତିଥି ଲୋକାର୍ପିତ କରିଥିଲେ।

ଏହି ଅବସରରେ ମେଜର ଶ୍ରୀମହାନ୍ତି ପ୍ରାଣନାଥ କଲେଜ ପ୍ରତିଷ୍ଠା କରିବା ନେଇ ଯେଉଁ ପରିଶ୍ରମ ପ୍ରାଣନାଥ ପଟ୍ଟନାୟକ କରିଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ।ଏଥିସହିତ ମେଜର ଶ୍ରୀ ମହାନ୍ତି ୧୯୫୮ମସିହାରେ କଲେଜ ଭିତ୍ତିପ୍ରସ୍ତର ସ୍ଥାପନ ସ୍ୱାଧିନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ମୁଠି ଚାଉଳ ମାଗି କରିଥିବା ବେଳେ ଏହା ଏକ ବିଶ୍ୱବିଦ୍ୟାଳୟ ହେବାକୁ ସମସ୍ତ ପ୍ରକାର ଯୋଗ୍ୟତା ହାସଲ କରିଛିବୋଲି ମତବ୍ୟକ୍ତ କରିଥିଲେ। ଏହି କଲେଜରେ ୭୫ଏକର ଜମି ଥିବା ବେଳେ ସମସ୍ତ ପ୍ରକାର ବ୍ଲକ, ଆଧୁନିକକରଣ ପାଠାଗାର, ଛାତ୍ରାବାସ ଥିବା ବେଳେ କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାରେ ହକଦାର ବୋଲି ଦାବି କରିଥିଲେ। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱଦେବାକୁ ମେଜର ଶ୍ରୀମହାନ୍ତି ଅନୁରୋଧ କରିଥିଲେ।

ଏହି ଅବସରରେ ବିଶିଷ୍ଟ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କୁ ଚଳିତ ବର୍ଷର ସମ୍ମାନଜନକ ପ୍ରାଣନାଥ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ବିଶିଷ୍ଟ ସାହିତ୍ୟିକ ଅମରେଶ ପଟ୍ଟନାୟକଙ୍କୁ ରାଜ୍ୟସ୍ତରୀୟ ମଞ୍ଜରୀ ସାହିତ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିସହିତ ଏହି କଲେଜର ଅଲୁମିନି ଭାବେ ପୂର୍ବତନ ପ୍ରଶାସକ ପ୍ରଫୁଲ କୁମାର ପଟ୍ଟନାୟକ ଆଇଏଏସ, ବରିଷ୍ଠ ଆଇନିଜିବୀ ରଜନୀକାନ୍ତ ପଟ୍ଟନାୟକ, ଶ୍ରେଷ୍ଠ ସାମ୍ବାଦିକ ଭାବେ ସନତ କୁମାର ପଟ୍ଟନାୟକ, କବି ଭାବେ ଦେବୀପଦ ବୋଷ, ଖୋର୍ଦ୍ଧା ଜିଲ୍ଲାର ପ୍ରଥମ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ଭାବେ ସଦାଶିବ ମହାରଣା, ଶ୍ରେଷ୍ଠ ପ୍ରଶାସକ ଭାବେ ସତ୍ୟବ୍ରତ ପଟ୍ଟନାୟକ, ବରିଷ୍ଠ ଚିକିତ୍ସକ ଭାବେ ଡାକ୍ତର ତିଲୋଚନ ପ୍ରଧାନ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ତଥା ମୁଖ୍ୟ ଶାସନ ସଚିବ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

ସେହିପରି ଶ୍ରେଷ୍ଠ ସ୍ନାତକ ଭାବେ ଉଦ୍ଭିଦ ବିଜ୍ଞାନ ସମ୍ମାନର ଛାତ୍ର ତାରା ପ୍ରସାଦ ମାର୍ଥା, କଳା ବିଭାଗ ରେ ଶ୍ରେଷ୍ଠ ସ୍ନାତକ ଭାବେ ଶିକ୍ଷା ସମ୍ମାନ ର ଛାତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା, ବାଣିଜ୍ୟ ବିଭାଗରେ ଶ୍ରେଷ୍ଠ ସ୍ନାତକ ଭାବେ ନିଶା କୁମାରୀ ପାଣ୍ଡେଙ୍କୁ ମୁଖ୍ୟ ଅତିଥି ସ୍ୱର୍ଣ୍ଣ ପଦକ ଦେଇ ସମ୍ମାନିତ କରିଥିଲେ। ଅତିଥିମାନେ ପ୍ରଥମେ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଲେଜ ଅଧ୍ୟକ୍ଷା ଡଃ ଅଜନ୍ତା ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ସଂଯୋଜନା କରିଥିଲେ। ଉପାଧ୍ୟକ୍ଷା ଡଃ ବିନୋଦିନି ମିଶ୍ର ଧନ୍ୟବାଦ ଦେଇଥିଲେ।

# ଐତିହାସିକ ଜର୍ଣ୍ଣାଲ ତ୍ରିକଳିଙ୍ଗ ଲୋକାର୍ପିତ

**ଖୋର୍ଦ୍ଧା,୨୮ ।୧(ସମିସ)**



ଖୋର୍ଦ୍ଧାର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ କଳାବିନୋଦ ଚେତନା ପରିଷଦର ଐତିହାସିକ ଜର୍ଣ୍ଣାଲ 'ତ୍ରିକଳିଙ୍ଗ'ର ବାର୍ଷିକ ପ୍ରଥମ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ଼.ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ବିଶିଷ୍ଟ ଇତିହାସ ଗବେଷକ ଡ଼.ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ତ୍ରିକଳିଙ୍ଗ ଶବ୍ଦର ଉତ୍ପତ୍ତି ଓ କଳିଙ୍ଗ ସାମ୍ରାଜ୍ୟର ବିସ୍ତୃତି ବିଷୟରେ ତଥ୍ୟ ଭିତିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଅଧିବକ୍ତା ଶକ୍ତିଶଙ୍କର ମିଶ୍ର ସର୍ବଭାରତୀୟ କ୍ଷେତ୍ରରେ ଖୋର୍ଦ୍ଧାର ଗୌରବ କିପରି ବିସ୍ତାର ଲାଭ କରିଛି ସେ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଜାନକୀ ବଲ୍ଲଭ ପଟ୍ଟନାୟକ ବୈଷ୍ଣବ ଧର୍ମର ପ୍ରାସଙ୍ଗିକତା ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ। ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠ ନାଥ ରାଜଗୁରୁ ତ୍ରିକଳିଙ୍ଗ ପ୍ରକାଶନରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସହିତ ଇତିହାସ ପ୍ରେମୀମାନେ ନିରପେକ୍ଷ ଭାବରେ ସତ୍ୟର ଗ୍ରାହକ ସାଜିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଖୋର୍ଦ୍ଧାର ବିଶିଷ୍ଟ ସମାଜସେବୀ ରାମଶଙ୍କର, ବିଶିଷ୍ଟ ସାହିତ୍ୟିକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ବିଶିଷ୍ଟ ଇତିହାସ ଗବେଷକ ଡ଼. ଜନ୍ମେଜୟ ଚୌଧୁରୀ ଏବଂ ଐତିହାସିକ ଅଧ୍ୟାପକ ସୁବିତ୍ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼.ନୀଳାଦ୍ରିନାଥ ଜଗଦ୍ଦେବ, କବିତା ପଟ୍ଟନାୟକ ଓ ଅଧିବକ୍ତା ବିକ୍ରମ କେଶରୀ ଚମ୍ପତିଙ୍କ ସଂଯୋଜନାରେ ଖୋର୍ଦ୍ଧା ଗଡ଼ ଉପରେ ଆଧାରିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଂସ୍ଥାପକ ସମ୍ବିତ୍ ପଟ୍ଟନାୟକ ଓ ଜୟନ୍ତ ମହାନ୍ତି ଉତ୍ସବ ପରିଚାଳନା କରିଥିଲେ ଏବଂ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

## ● ମା'ମଙ୍ଗଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଗେଡ଼ିଆପଲ୍ଲୀ କ୍ଲବ୍ ବିଜେତା

**ବେଗୁନିଆ,୨୮ ।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମରେ ମା'ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ୍ ଗେଡିଆପଲ୍ଲି କ୍ରିକେଟ କ୍ଲବ ଓ ବେଗୁନିଆ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ବେଗୁନିଆ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ଗେଡିଆ ପଲ୍ଲୀ କ୍ରିକେଟ କ୍ଲବ ୧୦୯ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି,ବିଜେଡ଼ି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ଓ ସ୍ଥାନୀୟ ସରପଂଚ ରଞ୍ଜିତା ମହାଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ଯଥା କ୍ରମେ ୨୦ ହଜାର ଓ ୧୨ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ।






# ହିନ୍ଦୁଧର୍ମକୁ ଆକ୍ଷେପ ବିରୋଧରେ ରାସ୍ତାରୋକ

**ନିରାକାରପୁର,୨୮ ।୧(ସମିସ):**ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ପଞ୍ଚାୟତର କିଛି ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ସାମାଜିକ ଗଣମାଧ୍ୟମରେ ଉକ୍ତ ପଞ୍ଚାୟତର ହିନ୍ଦୁ ଦେବଦେବୀ ଓ ଧର୍ମକୁ ନେଇ କିଛି ମନ୍ତବ୍ୟ ପୋଷ୍ଟ କରିଥିଲେ ବୋଲି ଶୁଣିବାକୁ ମିଳୁଛି। ଏହାକୁ ଦେଖି ହିନ୍ଦୁ ଲୋକମାନଙ୍କ ମନରେ ଆଘାତ ଲାଗିଥିଲା। ସେମାନେ ଏବିଷୟରେ ପୂର୍ବରୁ ସେମାନଙ୍କ ମୁରବିଙ୍କୁ ଅବଗତ କରାଇ ଏ ସବୁ କଥା ରୁ ବିରତ ରହିବାକୁ ଜଣାଇଥିବା ଖବର ମିଳୁଛି। କିନ୍ତୁ ପୁନର୍ବାର କଟାକ୍ଷ କରି ସାମାଜିକ ଗଣମାଧ୍ୟମରେ ପ୍ରକାଶିତ କରିବା ଫଳରେ ଶନିବାର ସନ୍ଧ୍ୟା ସାଢ଼େ ୭ ଟା ବେଳେ ଛଣଗିରି ଅଞ୍ଚଳର ପ୍ରାୟେ ୫ ଶହରୁ ଅଧିକ ହିନ୍ଦୁ ହାତରେ ବଜରଙ୍ଗ ଦଳ ପତାକା ଧରି ପୁରୀ ନୟାଗଡ ନୂଆ ଜଗନ୍ନାଥ ସଡ଼କକୁ ଅବରୋଧ କରିଥିଲେ। ଦୋଷୀକୁ ଗିରଫ କରିବା ଦାବିରେ ସେମାନେ ବିଭିନ୍ନ ନାରାବାଜି ଦେଇଥିଲେ। ଖବର ପାଇ ଜଂକିଆ ଥାନା ଆଇଆଇସି ଓ ଖୋର୍ଦ୍ଧା ଏସଡିପି ପହଞ୍ଚି ବୁଝାସୁଝା କରିଥିଲେ ବି ଦୋଷୀକୁ ଗିରଫ ନ କରିବା ପର୍ଯ୍ୟନ୍ତ ରାସ୍ତାରୁ ନ ହଟାଇବାକୁ ଆନ୍ଦୋଳନକାରୀ ଜିଦ୍‌ରେ ଅଟଳ ଥିଲେ। ଅଭିଯୋଗ ପାଇ ଥାନା ଆଇଆଇସି କାର୍ଯ୍ୟାନୁଷ୍ଠାନ ନେବାକୁ କହିବାରୁ ରାସ୍ତା ଅବରୋଧ ହଟିଥିଲା।

## ● କାଶୀପୁର ଫୁଟ୍‌ବଲ

# ୨-୦ ରେ ଟାଙ୍ଗୀ ରଘୁନାଥ ବିଜୟୀ

**ନିରାକାରପୁର,୨୮ ।୧(ସମିସ):**ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ କାଶୀପୁର ଠାରେ ମା'ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ରବିବାର ମ୍ୟାଚ୍ ଟାଙ୍ଗୀ ରଘୁନାଥ ଫୁଟବଲ କ୍ଲବ ଓ ଖୋର୍ଦ୍ଧା ଫୁଟବଲ କ୍ଲବ୍ ମଧ୍ୟରେ ଖେଳ ହୋଇଥିଲା। ଏହି ମ୍ୟାଚ୍‌ରେ ଟାଙ୍ଗୀ ୨-୦ ଗୋଲରେ ଖୋର୍ଦ୍ଧାକୁ ହରାଇ ବିଜୟୀ ହୋଇଛି। ଖେଳକୁ ପ୍ରମୋଦ କୁମାର ଦାସ,ସୁକାନ୍ତ ପ୍ରଧାନ ଓ ପ୍ରଶାନ୍ତ ସାହୁ,ହୃଦାନନ୍ଦ ମହତାବ ପ୍ରମୁଖ ପରିଚାଳନା କରିଥିଲେ। ଅତିଥିଭାବେ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଶାସକ ରମା ବଲ୍ଲଭ ମିଶ୍ର, ପୂର୍ବତନ ସରପଞ୍ଚ ଗିରିଶ ମହାରଣା,ଯୁବ କମ୍ୟୁନିଷ୍ଟ ନେତା ବିଧୁ ଭୁଷଣ ମହାରଣା, ଆଇନଜୀବୀ ପ୍ରଦୀପ୍ତ କୁମାର ଦାସ ଓ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ର ,ସଭାପତି ପ୍ରଦୀପ୍ତ କୁମାର ଷଡଙ୍ଗୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ନୃସିଂହ ଦଳେଇ ,କୋଷାଧ୍ୟକ୍ଷ ସୋମନାଥ ବିଶ୍ୱାଳ,ଅରକ୍ଷିତ ଦଳେଇ,ଲକ୍ଷ୍ମୀକାନ୍ତ ମହାପାତ୍ର,ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



# ଗୋମାଂସ ଜବତ, ୧୦ ଅଟକ

**ଖୋର୍ଦ୍ଧା,୨୮ ।୧(ସମିସ)**



ଖୋର୍ଦ୍ଧାରେ ଗୋଚାଲାଣ ଏବଂ ଗୋମାଂସ ଚାଲାଣ ବଢିବାରେ ଲାଗିଛି। ଜାତୀୟ ରାଜପଥ ଏମାନଙ୍କ ପାଇଁ ଗଳାବାଟ ସାଜିଛି। ଏମାନଙ୍କୁ ଧରିବା ଲାଗି ଏସପିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ରବିବାର ଭୋର ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ୧୫ଟି ଷଣ୍ଢ ଏସି କଣ୍ଟେନର ଏବଂ ଶିଶୁପାଞ୍ଚଳ ଥାନା ପେଟ୍ରୋଲ ପମ୍ପ ନିକଟରୁ ଏକ ଗୋମାଂସ ଭର୍ତ୍ତି ଆଇଚର ଗାଡ଼ିକୁ ପୁଲିସ ଜବତ କରିଛି। ଗୋରୁ କଲିକତା ଏବଂ ଗୋମାଂସ ହାଇଦ୍ରାବାଦ ଚାଲାଣ ହେଉଥିଲା। ଆଦର୍ଶ ଥାନା ପୁଲିସ ଷଣ୍ଢଙ୍କୁ ଜବତ କରି ଭୁବନେଶ୍ୱର ସ୍ଥିତ ଗୋଶାଳାକୁ ପଠାଇଛି। ଏହି ଘଟଣାରେ କଣ୍ଟେନର ଡ୍ରାଇଭର ସମେତ ଦୁଇଜଣଙ୍କୁ ଅଟକ ରଖିଥିବା ବେଳେ ଏମାନଙ୍କୁ ସୁଇଫ୍ଟକାର୍‌ରେ ଏସ୍କର୍ଟ ଦେଉଥିବା ୩ଜଣଙ୍କୁ ଅଟକ ରଖିଥିବା ବେଳେ କାର୍‌କୁ ମଧ୍ୟ ଜବତ କରିଛି। ସେହିଭଳି ଶିଶୁପାଞ୍ଚଳ ପୁଲିସ ଗୋମାଂସ ବୋଝେଇ ଆଇଚରକୁ ଜବତ କରିଥିବା ବେଳେ ଡ୍ରାଇଭର ସମେତ ୨ଜଣଙ୍କୁ ଅଟକ ରଖିଛି। ସେହିପରି ସନ୍ଧ୍ୟାରେ ଶିଶୁପାଞ୍ଚଳ ଥାନା ପୁଲିସ ଜାତୀୟ ରାଜପଥ ଉପରୁ ଗୋରୁ ଚମଡା, ପୁଟା ପ୍ରଭୃତି ବୋଝେଇ ହୋଇଥିବା ଆଇଚର ଗାଡିକୁ ଜବତ କରିଛି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ମଧ୍ୟ ଅଟକ ରଖିଛି।

ମିଳିଥିବା ସୂଚନା ପ୍ରକାରେ, କଲିକତା ଏବଂ ହାଇଦ୍ରାବାଦ ଅଭିମୁଖେ ଗୋଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବରପାଇ କେତେଜଣ ଗୋପ୍ରେମୀ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଉଭୟ ପାଶ୍ୱର୍ର ଛକରେ ଛକି ରହିଥିଲେ।

## କଣ୍ଟେନର, କାର୍, ୨ ଆଇଚର୍ ଜବତ

ଗଙ୍ଗପଡା ଛକରେ କଲିକତାରୁରୁ ହାଇଦ୍ରାବାଦ ଅଭିମୁଖେ ଗୋମାଂସ ଧରି ଯାଉଥିବା ଆଇଚର ଗାଡ଼ି ଉପରେ ସନ୍ଦେହ ହେବାରୁ ତାଙ୍କ ପିଛା କରି ପେଟ୍ରୋଲ ପମ୍ପ ନିକଟରେ ଧରିଥିବା ବେଳେ ଅପରପାଶ୍ୱର୍ରେ ହାଇଦ୍ରାବାଦରୁ କଲିକତା ଅଭିମୁଖେ ଶୀତତାପ ନିୟନ୍ତ୍ରଣ କଣ୍ଟେନର ମଧ୍ୟରେ ଷଣ୍ଢ,ଗୋରୁ ଚାଲାଣ ଗାଡିକୁ ତୋଟାପଡା ଠାରୁ ଗୋଡାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧରିଥିଲେ। ଉଭୟ ଗାଡିର ଡ୍ରାଇଭର ଗୋଚାଲାଣ ଏବଂ ଗୋମାଂସ ଚାଲାଣଙ୍କୁ ସ୍ୱିକାର କରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଥିବା ବେଳେ ଜବତ ଗୋମାଂସ ଯାଂଚ ଚାଲିଥିବାବେଳେ ଏହା ପ୍ରାୟ ୧୨ଟନ୍ ହେବ ବୋଲି ଶିଶୁପାଞ୍ଚଳ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ଠାରୁ ସୂଚନା ମିଳିଛି। ସେହିପରି ସନ୍ଧ୍ୟାରେ ଅନ୍ୟ ଏକ ଆଇଚର ଗାଡିରୁ ଶିଶୁପାଞ୍ଚଳ ପୁଲିସ ଗୋରୁ ଚମଡା, ପୁଟା ପ୍ରଭୃତି ଜବତ କରିଛି। ଯାହା ପ୍ରାୟ ୧୦ଟନ୍ ହେବ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

# ନଳବଣରେ ମାଛ ମାରୁଥିବା ୬ ଧୀବର ଗିରଫ



**ବାଲୁଗାଁ, ୨୮ ।୧(ସମିସ) :** ପକ୍ଷୀ ଅଭୟାରଣ୍ୟ 'ନଳବଣ' ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନ ଭାବେ ମାଛ ମାରୁଥିବା ୬ ଜଣ ଧୀବରଙ୍କୁ ଗିରଫ କରିଛି ବାଲୁଗାଁ ବନ୍ୟ ପ୍ରାଣୀ ବିଭାଗ। ସମସ୍ତ ୬ ଅଭିଯୁକ୍ତମାନେ ଟାଙ୍ଗି ଥାନା ଅନ୍ତର୍ଗତ ଭୂଷଣ୍ଡପୁର ନିକଟସ୍ଥ ବାଲିପାଟପୁର ଗ୍ରାମର ପାଣ୍ଡା ବେହେରା (୬୦), ଧୀର ବେହେରା (୩୯), କୃପାସିନ୍ଧୁ ବେହେରା (୩୭), ରବି ବେହେରା (୬୦), ରଂଜନ ବେହେରା (୨୫) ଏବଂ ପ୍ରକାଶ ବେହେରା (୧୯) ବୋଲି ଜଣାପଡିଛି। ସୂଚନା ମୁତାବକ, ନଳବଣରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ବିଚରଣରେ ବାଧା ନଉପୁଜିବା ପାଇଁ ଚିଲିକା ଜଳରାଶିରେ ପ୍ରାୟ ପାଞ୍ଚ ଶହ ମିଟର ଦୂରତାରେ ସିମେଣ୍ଟ ଖୁଣ୍ଟ ପୋତାଯାଇ ଚତୁଃର୍ପାଶ୍ୱର୍ ଅଞ୍ଚଳକୁ ବିଭାଗୀୟ ପକ୍ଷରୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ତେବେ ପକ୍ଷୀ ମଳ ତ୍ୟାଗ କରୁଥିବା ଉକ୍ତ ନିଷିଦ୍ଧାଞ୍ଚଳରେ ପ୍ରଚୁର ମାଛ ରହୁଥିବାରୁ କିଛି ଧୀବର ଲୁଚିଛପି ସେଠାରେ ମାଛ ମାରି ଗିରଫ ହେବା ଘଟଣା ପୂର୍ବରୁ ବହୁ ନଜିର ରହିଛି। ଏପରି ସ୍ଥଳେ ସନ୍ଧ୍ୟା ସମୟରେ ଉପରୋକ୍ତ ଧୀବରମାନେ ଏକ ଡଙ୍ଗାରେ ଯାଇ ନିଷିଦ୍ଧାଞ୍ଚଳରେ ଲୁଚିଛପି ମାଛ ମାରୁଥିବା ବେଳେ ଖବର ପାଇ ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ରେଞ୍ଜର ରଶ୍ମିତା ଜେନା ସଦଳେବେଳେ ଚଢ଼ଉ କରି ସେମାନଙ୍କୁ ଗିରଫ କରିବା ସହ ଡ଼ଙ୍ଗା ଓ ଜାଲକୁ ଜବତ କରିଥିଲେ। ଏନେଇ ବିଭାଗୀୟ ପକ୍ଷରୁ ମାମଲା ରୁଜୁ କରାଯିବା ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

